## ଆଜି କ'ଣ କେଉଁଠି

- ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା। ସ୍ଥାନ: କଳାଘର, ସୋର, ରବିବାର: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଓଡ଼ିଆ ଭାଷା ସାହିତ୍ୟ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର

**ଖଇରା,୧୬।୧୧(ଡି.ଏନ.ଏ.):**ଓଡିଆ ଭାଷା ସାହିତ୍ୟ ବିଭାଗ ଓ ଗବେଷଣା ପରିଷଦ ଆନୁକୂଲ୍ୟରେ ଖଇରା ମହାବିଦ୍ୟାଳୟ ପରିସରରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ ପ୍ରମୋଦ କୁମାର ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରସିଦ୍ଧ ଔପନ୍ୟାସିକ ଗୋପୀନାଥ ମହାନ୍ତି ନିଜର ଉପନ୍ୟାସ ବରଜ୍ଜୁ, ଖଜୁରୀ ଗଛ, ଦାନାପାଣି, ଅମୃତର ମନ୍ଥନରେ ଆଦିବାସୀ, ଜଙ୍ଗଲରେ ଚଳୁଥିବା ମଣିଷ ମାନଙ୍କର ଚରିତ୍ର କିଭଳି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟର ପ୍ରାଧାପକ ଡ ମନ୍ମଥ କୁମାର ପ୍ରଧାନଧି, ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ଲୋକସାହିତ୍ୟ ଉପରେ ଉପସ୍ଥାପନା କରିଥିଲେ। ପ୍ରଧାପକ ନିରଞ୍ଜନ ପଣ୍ଡା ବେଦପାଠ, ଡ ଲକ୍ଷ୍ମଣ ଶତପଥୀ ପ୍ରାସଙ୍ଗିକ ଅଭିଭାଷଣ, ପ୍ରଧାପକ ଡ ଶୈଳେନ୍ଦ୍ର କୁମାର ଲେଙ୍କା ଅତିଥି ପରିଚୟ ଏବଂ ଅଧ୍ୟାପିକା ଡ ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ସୋର, ୧୬।୧୧(ଡି.ଏନ.ଏ.):** ସୋର ବଡ଼ଖୁରୀ ଗ୍ରାମରେ ରାଜେଶ କୁମାର ଧଡ଼ା(୩୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ତେନ୍ତୁଳିଆ ପଡ଼ାରେ। ସେ ବଡ଼ଖୁରୀ ଗ୍ରାମରେ ପରିବାର ସହ ଘର ଭଡ଼ା ନେଇ ରହୁଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଶବ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮୯/୧୯) ରୁଜୁ କରିଛି।

### ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ

**ବାଲେଶ୍ୱର ଅଫିସ,୧୬।୧୧:**ବାଲେଶ୍ୱର ଅବକାରୀ ବିଭାଗ ଏବଂ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଶନିବାର ପୁରୁଣାବାଲେଶ୍ୱର ଅଞ୍ଚଳରେ ମିଳିତ ଭାବେ ଚଢ଼ାଉ କରାଯାଇ ୧୬,୭୫୦ ଲିଟର ଦେଶୀ ମଦ ପ୍ରସ୍ତୁତ ପାଇଁ ଥିବା ପୋଚ ଓ ମୋଟରସାଇକେଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ଜବତ ପୋଚର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ପୃଥକ୍ ଭାବେ ୪ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୁରୁଣାବାଲେଶ୍ୱର ସ୍ଥିତ ତୁଳସୀପଦା ଅଞ୍ଚଳରେ ପୃଥକ୍ ଭାବେ ୧୨ଟି ସ୍ଥାନରେ ଚଢ଼ାଉ କରାଯାଇ ପୋଖରୀରେ ଲୁକ୍କାୟିତ ଭାବେ ଥିବା ୩୨୨ଟି ଡ୍ରମ୍‌ରୁ ୧୬,୭୫୦ ଲିଟର ପୋଚ ଜବତ କରାଯାଇଛି। ଅଭିଯୁକ୍ତ ସିଲୁ ବେହେରା (୧୯)ଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ୩୦ରୁ ଉର୍ଦ୍ଧ୍ୱ ବିଭାଗୀୟ କର୍ମଚାରୀ ଚଢ଼ାଉ କରିଥିଲେ। ଭ୍ରାମ୍ୟମାଣ ଥାନା ପକ୍ଷରୁ ମାମଲା (ନଂ. ୧୪୨, ୧୪୩/୧୯-୨୦) ଓ ସଦର ଅବକାରୀ ଥାନାରେ ମାମଲା (ନଂ. ୨୨/୧୯-୨୦) ରୁଜୁ କରାଯାଇଛି।

### ୧୧୧ ୟୁନିଟ୍ ରକ୍ତ ସଂଗ୍ରହ

**ଭୋଗରାଇ, ୧୬।୧୧(ଡି.ଏନ୍.ଏ.):** ଭୋଗରାଇ ବ୍ଲକ ଜଳସୋହରିଆ ପାନ ମାର୍କେଟ୍‌ସ୍ଥିତ ବୀରକୁଳ ସେବା ସଦନ ପରିସରରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ (ସିଟୁ) ଭୋଗରାଇ ଶାଖା ପକ୍ଷରୁ ସ୍ୱର୍ଗତ କାନାଇ ଚରଣ ମାଇତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନର୍ମଦା ଫାଉଣ୍ଡେଶନର ଚିକିତ୍ସାଧିକାରୀ ଡା. ଜ୍ୟୋତି କିଶୋର ମହାନ୍ତି ଉଦ୍‌ଘାଟନ କରିଥିଲେ । ନିର୍ମାଣ ଶ୍ରମିକ ସଂଘର ଭୋଗରାଇ ଶାଖା ସଭାପତି ଅଧିର ଗିରି ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ବାଲେଶ୍ୱର ରକ୍ତଭଣ୍ଡାରର ଡା. ବସନ୍ତ ଉପାଧ୍ୟାୟ, ସେବା ସଦନର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ପାନ ମାର୍କେଟ୍‌ର ସମ୍ପାଦକ ବ୍ରଜଗୋପାଳ ଦାସ, ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ବିତିଲାଣି ୨୧ବର୍ଷ, ଭୁଲି ହେଉନି ଦୁଃଖ

**ଖଇରା, ୧୬।୧୧(ଡି.ଏନ.ଏ.)**

ସେଦିନ ଥିଲା ୧୯୯୮ ନଭେମ୍ବର ୧୭ତାରିଖ । ବାଲେଶ୍ୱର ଜିଲା ଖଇରା ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନମେଳାର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ପିଲାମାନଙ୍କର ସୁଅ ଖଇରା ସରକାରୀ ହାଇସ୍କୁଲକୁ ଛୁଟିଥିଲା । କେହି ବସରେ ତ କେହି ଟ୍ରେକରରେ ଆସିଥିଲେ। କୁପାରୀ ଅଞ୍ଚଳର ଗଡପୋଖରୀ, ବାଉଁଶଗଡିଆ, ବଗେଇପୁର, ହରିପୁରଠାରେ ଥିବା ବିଦ୍ୟାଳୟରୁ ପିଲାମାନେ ବିଜ୍ଞାନ ମେଳା ଦେଖିବାକୁ କୁପାରୀ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। କୌଣସି ଯାତ୍ରୀବାହୀ ଗାଡି ଆସୁ ନ ଥିବାରୁ ସେମାନେ ବହୁ ସମୟ ଅପେକ୍ଷା କରିଥିଲେ। ଏହି ସମୟରେ ଆନନ୍ଦପୁରରୁ ବାଲି ବୋଝେଇ କରି ଖଇରା ଅଭିମୁଖେ ଯାଉଥିବା ଏକ ଟ୍ରକ(ନଂ.ଓଆର-୦୧-୫୧୮୫) ଡାଲାରେ ପିଲାମାନଙ୍କ ଦାୟିତ୍ୱରେ ଥିବା ଶିକ୍ଷକମାନେ ପ୍ରାୟ ୫୦ଜଣ ପିଲାଙ୍କୁ ବସାଇ ବିଜ୍ଞାନମେଳା ବୁଲାଇବାକୁ ନେଉଥିଲେ । ଅର୍ଜୁନପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେକରକୁ ସାଇଡ ଦେବା ବେଳେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାକଡ ନୟନଯୋରି ଏବଂ ଏହା ସଂଲଗ୍ନ ଧାନଜମିକୁ ଓଲଟି ପଡିଥିଲା । ଅଧିକାଂଶ ପିଲା ଟ୍ରକ ଡାଲା ବାଲି ତଳେ ଚାପି ହୋଇ ରହିଯାଇଥିଲେ। ନିକଟ ବିଲରେ କାମ କରୁଥିବା ଚାଷୀ, ସ୍ଥାନୀୟ ବ୍ୟବସାୟୀ ଧାଇଁ ଆସି ବାଲି ଟ୍ରକ ତଳୁ ପିଲାଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଏବଂ ଖଇରା ପୋଲିସକୁ ଖବର ଦେଇଥିଲେ । ହେଲେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୮ଜଣ ଶିଶୁଙ୍କ ଜୀବନଦୀପ ଲିଭିଯାଇଥିଲା। ଏଭଳି ଦୁର୍ଘଟଣା ଖବର ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଏହା ମଧ୍ୟରେ ୨୧ବର୍ଷ ବିତିଗଲାଣି। ଏଭଳି ଦୁଃଖ ଓ ଛାତିଥରା କାହାଣୀକୁ ମୃତ ପିଲାଙ୍କ ପରିବାର ଓ ଅଞ୍ଚଳବାସୀ ଏଯାଏ ଭୁଲି ପାରିନାହାନ୍ତି। ପ୍ରତିବର୍ଷ ଅଞ୍ଚଳବାସୀ ସେହି ସ୍ମୃତିକୁ ମନେପକାଇ ଝୁରି ହେଉଛନ୍ତି। ଗଡ଼ପୋଖରୀ ସ୍କୁଲରେ ୨ ପିଲାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ନିର୍ମାଣ କରି ୧୭ତାରିଖରେ ସ୍ମୃତିଚାରଣ କରାଯାଉଛି।


ଗଡପୋଖରୀ ଏମ୍‌ଇ ସ୍କୁଲ ପରିସରରେ ୨ ଛାତ୍ରଙ୍କ ପ୍ରତିମୂର୍ତ୍ତି।

### ଏମାନେ କହନ୍ତି ...

"ସେଦିନ ସକାଳୁ ଟ୍ୟୁଶନରୁ ଫେରି ମେଳା ଦେଖିବାକୁ ଯିବ ବୋଲି ପୁଅ କହିଥିଲା। ବାପା ଘରେ ନ ଥିବାରୁ ସେ ତାଙ୍କୁ ବାରଣ କରିଥିଲେ । ହେଲେ ସେ ପିଉସୀଙ୍କ ପାଖରୁ ୨ଟଙ୍କା ନେଇ ଲୁଚି ପଳାଇଥିଲା। ୩ଝିଅ ପରେ ଜନ୍ମିତ ଏହି ପୁଅ ବାଲି ଟ୍ରକ ତଳେ ଚାପି ହୋଇ ମୃତ୍ୟୁମୁଖରେ ପଡିବା ଦୁଃଖ ବଞ୍ଚିଥିବା ଯାଏ ଭୁଲି ହେବନାହିଁ।

**–ନିରୁପମା ମହାନ୍ତି, ମୃତ ବିନ୍ଦୁସାଗରଙ୍କ ମା'**

"ସେତେବେଳେ ଧାନକଟା ଚାଲିଥାଏ । ବିଦ୍ୟାଳୟ ଶିକ୍ଷକଙ୍କ ପରାମର୍ଶକ୍ରମେ ଝିଅମାନଙ୍କୁ ଏକ ଟ୍ରେକରରେ ପଠାଇ ଦିଆଯାଇଥିଲା । ବିଜ୍ଞାନମେଳା ସମୟ ହୋଇ ଆସୁଥିବାରୁ ପିଲାମାନଙ୍କର ବ୍ୟସ୍ତତା ଦେଖି ଦାୟିତ୍ୱରେ ଥିବା ଶିକ୍ଷକ ସେମାନଙ୍କୁ ବାଲି ଗାଡି ଉପରେ ବସାଇଥିଲେ। ଗାଡି ଢଳି ଢଳି ତଳକୁ ଓଲଟିବା ପର୍ଯ୍ୟନ୍ତ ତାଙ୍କର ମନେ ଅଛି । ତା'ପରେ ଚେତା ଫେରିବା ବେଳକୁ ସେ କଟକ ବଡ ମେଡିକାଲରେ ଥିଲେ। ଏହି ଦୁର୍ଘଟଣାରେ ହରାଇଥିବା ସାଥୀଙ୍କ ସ୍ମୃତି ଅପସୋରା ହୋଇ ରହିଛି।

**–ଶୁଭେନ୍ଦୁ ଶେଖର ମହାନ୍ତି, ଆହତ ଛାତ୍ର**

"ଟ୍ରେକରକୁ ସାଇଡ ଦେବା ବେଳେ ଭାରସାମ୍ୟ ହରାଇ ଟ୍ରକ ଓଲଟି ପଡିଥିଲା। ରାସ୍ତା ଦୁରବସ୍ଥା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା। ୬ଦିନ ଜେଲରେ ରହି ଫେରିଛି। ସେହିଦିନଠାରୁ ଡ୍ରାଇଭିଂ ଛାଡିଦେଇଛି।

**–ଶରତ ବେହେରା, ଦୁର୍ଘଟଣାଗ୍ରସ୍ତ ଟ୍ରକ ଡ୍ରାଇଭର**

"ମୋ ପୁଅ ସେ ବର୍ଷ ସ୍କୁଲ ଏବଂ ବ୍ଲକରେ ସବୁଥିରେ ପ୍ରଥମ ହୋଇଥିଲା। ବିଜ୍ଞାନମେଳାରୁ ପୁରସ୍କାର ଆଣିବା ପାଇଁ ତାର ଆଗ୍ରହ ଦେଖି ତାକୁ ସାଇକେଲରେ ବସାଇ ଖଇରା ବିଜ୍ଞାନ ମେଳାକୁ ନେଉଥିଲି। ଦୁର୍ଘଟଣା ଘଟିଥିବା ସ୍ଥାନରେ ପିଲାଟି ସେ ସାଇକେଲରୁ ଓହ୍ଲାଇ ପରିସ୍ରା କରିବାକୁ ଯାଇଥିବା ବେଳେ ଟ୍ରକଟି ତା ଉପରେ ମାଡି ଯାଇଥିଲା। ସେହି ମୁହୂର୍ତ୍ତର କରୁଣ ଦୃଶ୍ୟ ଆଜିବି ଆଖିରୁ ଲୁହ ଭରିଦିଏ।

**–ନିରଞ୍ଜନ ଦାସ, ମୃତ ଶୁଭାଶିଷଙ୍କ ପିତା**

## ଜାତୀୟ ଆଇନସେବା ଦିବସ ସ୍ଥାୟୀ ଲୋକ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ

**ବାଲେଶ୍ୱର ଅଫିସ,୧୬।୧୧**

ବାଲେଶ୍ୱର ସଦର ବ୍ଲକ ଗୁଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଅଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରି ଜନତାଙ୍କୁ ସମ୍ବୋଧନ କରିବା ସହ ବାର୍ଦ୍ଧକ୍ୟଭତ୍ତା, ଇନ୍ଦିରା ଆବାସ, ଏଲ୍‌ପିଜି ଗ୍ୟାସ୍ ସଂଯୋଗ ଆଦିରୁ ବଞ୍ଚିତ ହିତାଧିକାରୀଙ୍କୁ ଜିଲା ସ୍ଥାୟୀ ଲୋକ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଜାତୀୟ ଆଇନସେବା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଗରିବ, ନିଃସହାୟ ଲୋକଙ୍କ ପାଇଁ ଜିଲା ଆଇନସେବା ପ୍ରାଧିକରଣ କିଭଳି ଭାବରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ସଦର ବ୍ଲକ ସିଡ଼ିପିଓ ଶକୁନ୍ତଳା ସେଠୀ, ଜିଲା ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଲୟର ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ପାରାଲିଗାଲ ସ୍ୱେଚ୍ଛାସେବୀ ସୁରେଶ ଭୋଳ, ଅସିତ୍ କୁମାର ପ୍ରଧାନ ଯୋଗଦେଇଥିଲେ।

# ପ୍ରଶାସନ ଓ ଗଣମାଧ୍ୟମ ଗୋଟିଏ ଟିମ୍ ଭଳି କାମ କରିବା ଉଚିତ୍



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର ଅଫିସ, ୧୬।୧୧**

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହରେ ଶନିବାର ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକମାନଙ୍କୁ ଠିକ୍ ସୂଚନା ପ୍ରଦାନ ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏଣୁ ପ୍ରଶାସନ ଓ ଗଣମାଧ୍ୟମ ଗୋଟିଏ ଟିମ୍ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି ଜିଲାପାଳ କହିଛନ୍ତି।

ଜିଲାପାଳଙ୍କ ସଭାପତିତ୍ୱରେ ଆୟୋଜିତ 'ସମ୍ବାଦ ପ୍ରତିବେଦନା–ଏକ ଯାତ୍ରା' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ପ୍ରମୁଖ ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ସତ୍ୟପ୍ରିୟ ମହାନ୍ତି, ଶିବଦାସ କୁଣ୍ଡୁ, ଅଭୟ ଦାସ ପ୍ରମୁଖ ସମ୍ବାଦ ପ୍ରତିବେଦନାର ବିଭିନ୍ନ ଦିଗ, ଖବରଦାତାମାନଙ୍କର ପେସାଦାର କାର୍ଯ୍ୟଶୈଳୀ ଓ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ମତ ଦେଇଥିଲେ। ଖବରଦାତା ସର୍ବେଶ୍ୱର ଦାସ ନିଜସ୍ୱ କବିତାପାଠ କରିଥିଲେ। ପ୍ରେସ୍ ଦିବସ କାର୍ଯ୍ୟକ୍ରମକୁ ଜିଲାପାଳଙ୍କ ଆମନ୍ତ୍ରଣକ୍ରମେ ବାଲେଶ୍ୱର ଜିଲାର ବୟୋଜ୍ୟେଷ୍ଠ ଖବରଦାତା ଚିତ୍ତରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଗତ ୩୦ବର୍ଷ ଧରି ଜାମୁଝାଡ଼ି ବସ୍‌ଷ୍ଟାଣ୍ଡରେ ଖବରକାଗଜ ବିକ୍ରି କରି ଆସୁଥିବା ସୋର ଥାନା ତଳନଗର ଗ୍ରାମର ମହିଳା ରମ୍ଭାମଣି ନାୟକଙ୍କୁ ଜିଲାପାଳ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ଜାତୀୟ ପ୍ରେସ ଦିବସ ପାଳନର ଆଭିମୁଖ୍ୟ ଏବଂ ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସୂଚନା ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ପ୍ରେସ୍ ଦିବସ

**ବସ୍ତା,୧୬।୧୧(ସ୍ୱ.ପ୍ର.)**

ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ୪ଟି ସ୍ତମ୍ଭର ଯଥେଷ୍ଟ ଗୁରୁତ୍ୱ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ସ୍ତମ୍ଭକୁ ସରକାର ଯେଭଳି ଗୁରୁତ୍ୱ ଦେଉଛନ୍ତି ଗଣମାଧ୍ୟମ ଭଳି ୪ର୍ଥ ସ୍ତମ୍ଭକୁ ସରକାର ସେହିଭଳି ପ୍ରାଧାନ୍ୟ ଦେବାକୁ ଶନିବାର ବସ୍ତା ପ୍ରେସ କ୍ଲବ ଆନୁକୂଲ୍ୟରେ ପାଳିତ ଜାତୀୟ ପ୍ରେସ ଦିବସ ସଭାରେ ମତପ୍ରକାଶ ପାଇଛି। ପ୍ରେସ କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସଞ୍ଜୟ କୁମାର ସାମଲ, ଉପସଭାପତି ପୃଥନାଥ ମଣ୍ଡଳ, ପ୍ରସନ୍ନ କୁମାର ପାତ୍ର, ସହ ସମ୍ପାଦକ ବିଷ୍ଣୁପଦ ପତି, କୋଷାଧ୍ୟକ୍ଷ ଦୀପକ କୁମାର ପରିଡା, କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ହରିଶଙ୍କର ପାଢ଼ୀ, ତ୍ରିଲୋଚନ ରାଉତ, ଦେବାଶିଷ ସେଠୀ, ସୁରେନ୍ଦ୍ର କୁମାର ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଳେଶ୍ୱର,(ଡି.ଏନ.ଏ.)**–ଜାତୀୟ ପ୍ରେସ ଦିବସ ଜଳେଶ୍ୱର ପୌରାଞ୍ଚଳର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ବିଷ୍ଣୁପଦ ମହାନ୍ତି ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ଡ. ରମାକାନ୍ତ ଭଞ୍ଜ, ସମାଜ ସେବୀ ଅରୁଣ ବେଜ, ସୁନୀଲ ଗିରି ପ୍ରମୁଖ ଖବରଦାତାଙ୍କ ସମସ୍ୟା ବିଷୟରେ ବକ୍ତବ୍ୟ ଦେଇଥିଲେ। ପୂର୍ବତନ ଅଧକ୍ଷ ଜିତାରାମ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣମାଧ୍ୟମର ସୁରକ୍ଷା ଜରୁରୀ

**ରୂପ୍‌ସା, ୧୬।୧୧(ଡି.ଏନ.ଏ.)**

ଗଣମାଧ୍ୟମର ସୁରକ୍ଷା ପ୍ରତି ସର୍ବଦା ଦୃଷ୍ଟି ଦିଆଯିବା ଉଚିତ୍ ବୋଲି ବାଲେଶ୍ୱର ଜିଲା ବସ୍ତା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଶନିବାର ଆୟୋଜିତ ଜାତୀୟ ପ୍ରେସ ଦିବସରେ ମତପ୍ରକାଶ ପାଇଛି। କ୍ଲବ ସଭାପତି ବାଞ୍ଛାନିଧି ଦେ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ବ୍ରଜମୋହନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରେସ କ୍ଲବ କର୍ମକର୍ତ୍ତା ଶିରୀଶ ଚନ୍ଦ୍ର ମହାନ୍ତି, ହରିଶଙ୍କର ପାଣି, ରଞ୍ଜନ କୁମାର ବେହେରା, ଦୀନବନ୍ଧୁ ପ୍ରଧାନ, ଅଜିତ କୁମାର ସାହୁ, ଉମାକାନ୍ତ ମହାନ୍ତି, ମନୀଷ ରାଇମଗିଆ ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ସର୍ବଦା ନିରପେକ୍ଷ ଖବର ପରିବେଷଣ ଦିଗରେ ଗୁରୁତ୍ୱାରୋପ କରିଥିଲେ।




## ଥାନା ଆଗରେ ଭାଜପାର ଗଣଧାରଣା

# ଦାବି ପୂରଣ ନ ହେଲେ ଆଇନଅମାନ୍ୟ ଆନ୍ଦୋଳନ

**ସିମୁଳିଆ, ୧୬।୧୧(ଡି.ଏନ.ଏ.)**

୪ ଦଫା ଦାବି ନେଇ ସିମୁଳିଆ ଭାଜପା ପକ୍ଷରୁ ଶନିବାର ମଧ୍ୟାହ୍ନରେ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଭାଜପା ସମର୍ଥକ ଓ ଦଳୀୟ କର୍ମୀମାନେ ମନ୍ତ୍ରୀଙ୍କ ମାର୍କୋଣାସ୍ଥିତ ବାସଭବନରୁ ପଦଯାତ୍ରାରେ ବାହାରି ମାର୍କୋଣା ଛକ ପରିକ୍ରମା କରିବା ପରେ ସିମୁଳିଆ ଥାନା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗଣଧାରଣା ଦିଆଯାଇଥିଲା। ଦଳୀୟ କର୍ମୀ ସର୍ବେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଖାରବେଳ ସ୍ୱାଇଁ, ମାଧବାନନ୍ଦ ମଲିକ, ମନସ୍ମିତା ଖୁଣ୍ଟିଆ, ସସ୍ମିତା ପାଣି, ମନୋରଞ୍ଜନ ସ୍ୱାଇଁ, ମୀନାକ୍ଷୀ ମହାପାତ୍ର, ଭରତ କୁମାର ମହାନ୍ତି, ବେଣୁମାଧବ ପଣ୍ଡା, ଭାରତୀ ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଶାସନ ଏହାକୁ କାର୍ଯ୍ୟକାରୀ ନ କଲେ ଆସନ୍ତା ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି।


ଗଣଧାରଣାରେ ବସିଥିବା ଭାଜପା କର୍ମକର୍ତ୍ତା।


## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha http://www.health.odisha.gov.in/ @HFWOdisha

## ସଂକ୍ଷେପରେ

### ପୂର୍ବତନ ଭାଜପା ଜିଲା ସଭାପତି ବସନ୍ତ କୁମାରଙ୍କ ପରଲୋକ

ରାସଗୋବିନ୍ଦପୁର, ୧୬।୧୧(ଡି.ଏନ.ଏ.): ଭାଜପାର ପୂର୍ବତନ ଜିଲା ସଭାପତି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ରାଘବପୁର ପଞ୍ଚାୟତ ଭେିରଙ୍ଗି ଗ୍ରାମର ବସନ୍ତ କୁମାର ଜେନା(୬୭)ଙ୍କର ଶନିବାର କଟକ ବଡ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଜନ୍ମମାଟିକୁ ଅଣାଯିବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି। ସେ ୩୭ ନମ୍ବର ଜୋନରୁ ଜିଲା ପରିଷଦ ସଭ୍ୟ ଭାବେ ୫ ବର୍ଷ ଭାବେ କାର୍ଯ୍ୟ କରିବା ସହ ମୟୂରଭଞ୍ଜ ସମବାୟ ବ୍ୟାଙ୍କର ସଭାପତି ଥିଲେ। ତାଙ୍କ ପରଲୋକ ଖବର ପାଇ ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ଦରା ସୋରେନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହ ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ, ମୋରଡା ବିଧାୟକ ରାଜକିଶୋର ଦାସ, ଭାଜପା ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ବସନ୍ତ କୁମାରଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ବ୍ୟାଙ୍କ, ଏଟିଏମ୍‌ର ସୁରକ୍ଷା ନେଇ ଆଲୋଚନା

ରାଇରଙ୍ଗପୁର, ୧୬।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ଥାନା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ ଏବଂ ଅର୍ଥ ଲଗାଣ ସଂସ୍ଥା ନିକଟରୁ ବାରମ୍ବାର ଲୁଟ୍ ହେବା ଘଟଣା ପୋଲିସର ଚିନ୍ତା ବଢାଇଛି। ଏ କ୍ଷେତ୍ରରେ ସୁରକ୍ଷା ଓ ସତର୍କତା ଅବଲମ୍ବନ କରିବା ଲାଗି ରାଇରଙ୍ଗପୁର ପୋଲିସ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ୟାଙ୍କ, ଏଟିଏମ୍ ସହ ବ୍ୟାଙ୍କ ଗ୍ରାହକଙ୍କୁ ଲୁଟୁଥିବା ଲୁଟେରାଙ୍କୁ କିପରି ଧରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ପୋଲିସ ସର୍କଲ ଅଧିକାରୀ ସ୍ନେହାଶିଷ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଇରଙ୍ଗପୁର ଅଞ୍ଚଳର ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବରୋଦା ବ୍ୟାଙ୍କ, କାନାଡା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀଙ୍କ ସମେତ ସ୍ଥାନୀୟ ଟାଉନ ମଡେଲ୍ ଥାନାଧିକାରୀ ଇନ୍ସପେକ୍ଟର ରଞ୍ଜନ କୁମାର ସେଠୀ ଯୋଗ ଦେଇଥିଲେ।

# ମୋରମ ଖାଦାନ ଉପରେ ଲାଗୁନି ଅଙ୍କୁଶ

- ଅବାଧରେ ଚାଲିଛି ଶତାଧିକ ବେଆଇନ ଖାଦାନ
- ଗ୍ରାମବାସୀ ଅଟକ ରଖିଲେ ଟ୍ରାକ୍ଟର, ଉତ୍ତେଜନା

କପ୍ତିପଦା, ୧୬।୧୧(ଡ଼ି.ଏନ.ଏ)

ଶିମିଳିପାଳ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶତାଧିକ ବେଆଇନ ମୋରମ ଖାଦାନ ଚାଲିଥିବାରୁ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ରାସ୍ତା ନିର୍ମାଣ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମୋରମର ଚାହିଦା ଥିବାରୁ ବେପାରୀମାନେ ଦିନ ରାତି ମୋରମ ଉତ୍ତୋଳନ କରି ଟ୍ରକ ଓ ଟ୍ରାକ୍ଟରରେ ବିଭିନ୍ନ ସ୍ଥାନକୁ ଚାଲାଣ କରି ମାଲାମାଲ ହେଉଛନ୍ତି। ମୋରମ ବେପାରୀଙ୍କ ଉପରେ କୌଣସି ଅଙ୍କୁଶ ଲଗାଯାଇ ପାରୁ ନାହିଁ। କେତେକ ସ୍ଥାନରେ ଥିବା ମୋରମ ଖାଦାନ ଜଙ୍ଗଲ ନା ରାଜସ୍ୱ ବିଭାଗ ଅଧୀନରେ ରହିଛି, ସେ ନେଇ ଏହି ଦୁଇ ଉଭୟ ବିଭାଗ ମଧ୍ୟରେ କାଦୁଅପିଙ୍ଗା ଲାଗି ରହିଛି। ବେଆଇନ ମୋରମ ଖାଦାନ ଯୋଗୁଁ ଭୂପ୍ରକୃତି ଉଜୁଡି ଯାଉଥିବା ବେଳେ ପରିବେଶରେ ଅସନ୍ତୁଳନ ସ୍ଥିତି ସୃଷ୍ଟି ହେଉଛି।

ମୋରମ ଖୋଳା ଯାଉଥିବା ସ୍ଥାନରେ ଖାଲଖମା ସୃଷ୍ଟି ହେଉଥିବାରୁ ଏହା ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ପରିବହନ କାର୍ଯ୍ୟ ଯୋଗୁ ରାସ୍ତାଘାଟର ଅବସ୍ଥା ମଧ ଶୋଚନୀୟ ହୋଇ ପଡୁଛି। ଗତ ୩ମାସ ତଳେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପିଙ୍ଗୁ ପଞ୍ଚାୟତରେ ଥିବା ଏକ ବିସ୍ତୀର୍ଣ୍ଣ ସ୍ଥାନରୁ ମୋରମ ଖନନ କରାଯିବା ପରେ ଏବେ ଏକ ପ୍ରାଥମିକ ବିଦ୍ୟାଳୟ ପଛପଟୁ ମୋରମ ଖୋଳି ନିଆଯାଉଛି। ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରି ଗୋଟିଏ ଟ୍ରାକ୍ଟରକୁ ଅଟକାଇଥିବା ବେଳେ ଅନ୍ୟ ଏକ ଟ୍ରାକ୍ଟର ସେଠାରୁ ଖସି ପଳାଇଯାଇଛି । ଏ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ପରେ ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କୁ ଜଣାଇବା ସହ ଅଟକ ରଖିଥିବା ଗାଡିକୁ କପ୍ତିପଦା ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଜରିମାନ ଧାର୍ଯ୍ୟ କରି ଗାଡିରୁ ଆଦାୟ କରାଯିବ ବୋଲି ତହସିଲଦାର ଲକ୍ଷ୍ମୀଧର ନାୟକ ପ୍ରକାଶ କରିଛନ୍ତି । ମୋରମ ଖୋଳାଯାଇଥିବା ସ୍ଥାନ ବ୍ୟକ୍ତିଗତ ମାଲିକାନାରେ ଥିବା କୁହାଯାଉଥିବା ବେଳେ ଏହା ଜଙ୍ଗଲ ଜାଗା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଗ୍ରାମବାସୀଙ୍କ ଦ୍ୱାରା ଅଟକ ଟ୍ରାକ୍ଟର।

କେବଳ ଏହି ଘଟଣା ନୁହେଁ ଏ ଅଞ୍ଚଳର ରାଜସ୍ୱ ଓ ଜଙ୍ଗଲ ଜମିର ବିଭିନ୍ନ ସ୍ଥାନରୁ ଜେସିବି ଲଗାଇ ଶ୍ରମିକଙ୍କ ଦ୍ୱାରା ମୋରମ ତଡାଯାଇ ଟ୍ରାକ୍ଟର ମାଧ୍ୟମରେ ବିଭିନ୍ନ କାମ ଲାଗି ଯୋଗାଣ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କିରଛନ୍ତି। ତହସିଲ ପକ୍ଷରୁ ଚଢାଉ କରି ଧରାଯାଉଥିବର ଗାଡିକୁ ଜରିମାନା ଆଦାୟ କରି ଛାଡି ଦିଆଯାଉଥିବାରୁ ଏହା ମୋରମ ବେପାରୀଙ୍କୁ ବେଶ୍ ସୁହାଉଛି। ଏହି ଅଞ୍ଚଳରେ ରାଜସ୍ୱ କାର୍ଯ୍ୟାଳୟ ଥିଲେ ମଧ ଏଭଳି ଚୋରା କାରବାର ରୋକଯାଉ ନ ଥିବାରୁ ଜିଲାପାଳ ଓ କପ୍ତିପଦା ଉପ ଜିଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ସେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ରଙ୍ଗିନ ମାଛଚାଷ କରିବ ଆତ୍ମନିର୍ଭରଶୀଳ


ରଙ୍ଗିନ ମାଛ ଚାଷ ଉପକରଣ ନେବାକୁ ଆସିଥିବା ମହିଳାମାନେ।

- ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ
- ଯାଆଁଳ ଓ ଉପକରଣ ବଣ୍ଟନ
- ଭଣ୍ଡାରିକୁଲା ଗାଁରେ ପରୀକ୍ଷାମୂଳକ ଚାଷରୁ ସଫଳତା

ବଡ଼ସାହି, ୧୬।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସକାଶେ ରଙ୍ଗିନ ମାଛ ଚାଷ ଲାଗି ପ୍ରୋତ୍ସାହନ ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ବ୍ଲକ ଅଧୀନ ତାଳପଦା ପଞ୍ଚାୟତ ସଭାଗୃହରେ ଆଇସିଏଆର୍ ଓ ସିଆଇଏଫ୍‌ଆର୍‌ଆଇ ମିଳିତ ଆନୁକୂଲ୍ୟରେ ରଙ୍ଗିନ ମାଛ ଚାଷ ପାଇଁ ଯାଆଁଳ ଓ ଅନ୍ୟ ଉପକରଣ ଗୁରୁବାର ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ଇନ୍‌ଲାଣ୍ଡ ଫିଶେରିଜ ରିସର୍ଚ୍ଚ ଇନଷ୍ଟିଟ୍ୟୁଟ (ସିଆଇଏଫଆରଆଇ)ର ନିର୍ଦ୍ଦେଶକ ଡ଼ ବସନ୍ତ କୁମାର ଦାସ, ଅଧକ୍ଷ ଉତ୍ତମ କୁମାର ସରକାର, ବୈଜ୍ଞାନିକ ହିମାଂଶୁ ଶେଖର ସ୍ୱାଇଁ, ଲିଆନଥୁ ମୁଲିଆ, ଭାରପ୍ରାପ୍ତ ବିଡ଼ିଓ ବସନ୍ତ କୁମାର ପୃଷ୍ଟି, ସିଡ଼ିପିଓ କୁନ୍ତିମଣି ପାତ୍ର, ଜିପିଇଓ ପଞ୍ଚାନନ ମହାପାତ୍ର ଓ ମିଶନ ଶକ୍ତିର ବିପିସି ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଯୋଗଦେଇ ରଙ୍ଗିନ ମାଛ ଚାଷ ଏକ ଲାଭପ୍ରଦ ଯୋଜନା ବୋଲି ଅଭିହିତ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ୪୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ୩୦୦ଲିଟରର ପାଣି ଟାଙ୍କି, ୧୦୦ଟି ବିଭିନ୍ନ ପ୍ରଜାତିର ରଙ୍ଗିନ ମାଛ ଯାଆଁଳ, ପ୍ଲାଣ୍ଟ, ମେଡିସିନ, ହିଟର, ଓ ମାଛ ଦାନା ଆଦି ମାଗଣାରେ ପ୍ରଦାନ କରାଯାଇଛି । ଏହି ମାଛ ବିକ୍ରି ଯୋଗ୍ୟ ହେଲେ ସଂସ୍ଥା ତରଫରୁ ମାର୍କେଟିଂ ସୁବିଧା କରାଯିବ ବୋଲି ସୂଚନା ଦିଆଯାଇଥିଲା। ବର୍ତ୍ତମାନ ଲୋକେ ଘରେ ଘରେ ଆକ୍ୱାରିୟମ ରଖୁଥିବାରୁ ରଙ୍ଗିନ ମାଛର ବଜାର ଚାହିଦା ଅଧିକ ରହିଛି । ପାଉଁଶିଆ ପଞ୍ଚାୟତ ଭଣ୍ଡାରିକୁଲା ଗ୍ରାମରେ ପରୀକ୍ଷାମୂଳକ ମାଛଚାଷରୁ ସଫଳତା ମିଳିବା ପରେ ସଂସ୍ଥା ପକ୍ଷରୁ ବଡ଼ସାହି ବ୍ଲକରେ ଏହାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଏଫ୍‌ଓ ବୀରେନ ନାଏକ ଓ ଜେଏଫଟିଏ ଜିତେନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀ ନୃତ୍ୟଗୀତରେ ଦୁଲୁକିଲା ବିଶୋଇ

ବିଶୋଇ, ୧୬।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇସ୍ଥିତ ହାଇସ୍କୁଲ ପଡିଆ ଠାରେ ବୀର୍ସା ମୁଣ୍ଡାଙ୍କ ୧୪୫ ତମ ଜନ୍ମ ମହୋତ୍ସବ ଉପଲକ୍ଷେ ଆୟୋଜିତ ଜିଲାସ୍ତରୀୟ ସମାରୋହ ତଥା ଆଦିବାସୀ ମହୋତ୍ସବ ପାଳିତ ହୋଇଯାଇଛି। ଆଦିବାସୀ ନୃତ୍ୟ ଓ ଗୀତ ରେ ପରିବେଶ ଦୁଲୁକି ଉଠିଥିଲା। ଖେରୱାଳ ଯୁମିତ ଗାଁଓତା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସମାରହରେ ଅତିଥି ଭାବରେ ଅବସରପ୍ରାପ୍ତ ରେଳ କର୍ମଚାରୀ ଦୟାନିଧି ମାର୍ଣ୍ଡି, ଉଦୟ ନାଥ ମାଝୀ, ରବୀନ୍ଦ୍ର ସିଂ, ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ମନୋରଞ୍ଜନ ତିରିଆ, ଅବସରପ୍ରାପ୍ତ ଦୂରଦର୍ଶନ କର୍ମଚାରୀ ସୁଦାମ ଚରଣ ହେମ୍ବ୍ରମ, ବିଶୋଇ ବ୍ଲକ ଅଧକ୍ଷା ତୁଳସୀ ଶିକ୍ରି ହାଁସଦା, ସମାଜସେବୀ ସୁବାସ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜୟନ୍ତୀ ଉପଲକ୍ଷେ ଗତ ୯ ତାରିଖରେ ବାରିପଦାରେ କରାଯାଇଥିବା ଜଲାସ୍ତରୀୟ ହୋ, ମୁଣ୍ଡାରୀ ବାଣୀ ଓ ଅଲଚିକି ଭାଷାର ପ୍ରବନ୍ଧ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ୯ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଲଚିକି ଭାଷାରେ କରାଯାଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ବିକ୍ରମ ବେଶ୍ରା ପ୍ରଥମ, ଇନ୍ଦ୍ରମଣି ହାଁସଦା ଦ୍ୱିତୀୟ, ଭାଉଁରା ସୋରେନ ତୃତୀୟ ଓ ରାଇମଣି ହେମ୍ବ୍ରମ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।ସେହିପରି ମୁଣ୍ଡାରୀ ବାଣୀରେ ବୁଦ୍ଧିଆ ସିଂ ପ୍ରଥମ, ମୁଗୁନିମଣି ସିଂ ଦ୍ୱିତୀୟ, ସୁରେନ୍ଦ୍ର ମୁଣ୍ଡା ତୃତୀୟ ଏବଂ ହୋ ଭାଷାର ୱାରାଙ୍ଗଚିତି ଲିପିରେ ଦିପୁ ପଲେୟା ପ୍ରଥମ, ପାର୍ବତୀ ବିରୁଆ ଦ୍ୱିତୀୟ, ରଙ୍ଗ ପୂର୍ତ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥିମାନେ ଯଥାକ୍ରମେ ୫ହଜାର, ୩ ହଜାର ଓ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ନୃତ୍ୟ ଓ ଗୀତରେ ଆଦିବାସୀ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ବହୁ ଦେଖାଣାହାରୀ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### କଲେଜ ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

ବଡ଼ସାହି, ୧୬।୧୧(ସ୍ୱ.ପ୍ର.)

ଜଣେ କଲେଜ ଛାତ୍ରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ପୋଲିସ ବାଲିଯୋଡ଼ା ଗ୍ରାମର ଛତିଶ ନାଏକ (୨୮) ନାମକ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ପୋଲିସ କହିଛି ଯେ, ଗତ ୮ତାରିଖରେ କେତେଜଣ କଲେଜର ଛାତ୍ରୀ ରାସ୍ତାକଡ଼ରେ ଛିଡ଼ା ହୋଇ ମୋବାଇଲ ଦେଖୁଥିବା ବେଳେ ଅଭିଯୁକ୍ତ ଜଣଙ୍କ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଜଣେ ଛାତ୍ରୀ ତାଙ୍କୁ ପ୍ରତିରୋଧ କରିବାରୁ ସେ ଧକ୍କା ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ମକଦ୍ଦମା ରୁଜୁକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## ଭଦ୍ରକ

### ଜାତୀୟ ମେଧାବୃତ୍ତି ପରୀକ୍ଷା

ଭଣ୍ଡାରିପୋଖରୀ/ବନ୍ତ, ୧୬।୧୧(ଡି.ଏନ୍.ଏ.): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜାତୀୟ ମେଧାବୃତ୍ତି ପରୀକ୍ଷା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ୧୩୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ଧଳ। ପରୀକ୍ଷା ନିରୀକ୍ଷକ ଭାବେ ବିଷ୍ଣୁପ୍ରିୟା ଜେନା, ଜ୍ୟୋତ୍ସ୍ନା ସାହୁ, ବର୍ଷା ପ୍ରିୟଦର୍ଶିନୀ ମଲିକ, ମହାମାୟା ମହାପାତ୍ର, ରୂପାଲି ପ୍ରିୟଦର୍ଶିନୀ ପଟ୍ଟନାୟକ, ତପଜା ସାହୁ, ମାନସ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଉପଅଧୀକ୍ଷକ ଭାବେ ସ୍ମିତା ଚାନ୍ଦ, ସମ୍ବିତ ରାଉତ, ଲମ୍ବୋଧର ଜେନା, ନାରାୟଣ ବାରିକ ପରୀକ୍ଷା ପରିଚାଳନାରେ ସହାୟତା କରିଥିଲେ। ସେହିପରି ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ପର୍ଯ୍ୟବେକ୍ଷକ ଥିବାବେଳେ ହାଇସ୍କୁଲର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ପରୀକ୍ଷା ପରିଚାଳନାରେ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବାତ୍ୟା କ୍ଷୟକ୍ଷତି ଆକଳନ

ଭଦ୍ରକ ଅଫିସ, ୧୬।୧୧: ବାତ୍ୟା ପ୍ରଭାବରେ ଭଦ୍ରକ ପଞ୍ଚାୟତ ସମିତି ଅନ୍ତର୍ଗତ ରାନ୍ଧିଆ ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନ ଦୈସିଂ ପଞ୍ଚାୟତ ଚଢ଼େୟା ରାଜସ୍ୱ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚାଷୀଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଶହ ଶହ ହେକ୍ଟର ଜମିରେ ଧାନ ଫସଲ ପାଣିରେ ପଡ଼ି ପଚିବାକୁ ଲାଗିଲାଣି। ଏହି ଗ୍ରାମରେ ଫସଲ କ୍ଷତିର ଆକଳନ ପାଇଁ ସହକାରୀ ରାଜସ୍ୱ ନିରୀକ୍ଷକ ଅନୁପମା ଦାସ ଓ କୃଷି ଅଧିକାରୀ ଶିଶିର ପାଣିଗ୍ରାହୀ ଶନିବାର କ୍ଷେତ୍ରୀୟ ଅନୁଧ୍ୟାନ କରିଛନ୍ତି। ସେମାନେ ଏ ନେଇ ରିପୋର୍ଟ ଖୁବ୍‌ଶୀଘ୍ର ସରକାରଙ୍କୁ ପ୍ରଦାନ କରିବେ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ଅର୍ଥ ଚାଷୀଙ୍କୁ ପ୍ରଦାନ କରାଯିବାକୁ ଯୁବନେତା ବଳରାମ ରାଉତ ଦାବି କରିଛନ୍ତି।

# ବିଦାୟ ନେଲେ ମା' କାଳୀ

ବାସୁଦେବପୁର, ୧୬।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ଐତିହାସିକ କାଳୀପୂଜାର ଭସାଣି ଉତ୍ସବ ଶୁକ୍ରବାର ଶେଷ ହୋଇଛି। ସନ୍ଧ୍ୟାରୁ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଏହାକୁ ଦେଖିବାକୁ ସାରା ସହର ଲୋକାରଣ୍ୟ ହୋଇପଡ଼ିଥିଲା। ସହରର ବିଭିନ୍ନ ସ୍ଥାନ, ଛକରୋଡ୍ ଓ ଉଚ୍ଚା କୋଠାରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାସ୍ତାଘାଟରେ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସନ୍ଧ୍ୟା ୬ଟା ବେଳେ ୪ଟି ପୂଜା ମଣ୍ଡପରୁ ମେଢ଼ ବାହାରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ବାଜା, ରୋଶଣି ସହିତ ନୃତ୍ୟଗୀତର ତାଳେ ତାଳେ ଶୋଭାଯାତ୍ରାରେ ସହର ପ୍ରକମ୍ପିତ ହୋଇଥିଲା। ଚଳିତବର୍ଷ ସିଂହବାଦ୍ୟ, ପଞ୍ଜାବୀ ଭାଙ୍ଗଡ଼ା, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ଦେବଦାସୀ ନୃତ୍ୟ ଓ ଲଉଡ଼ିଖେଳ ଭସାଣି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ୪ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମିଳିତ ଭାବେ ଭସାଣି ଉତ୍ସବର ଆୟୋଜନ କରାଯାଇଥିଲା। ରାତି ୧୦ଟା ବେଳେ ବାଲିନଗର ଛକ ଅସ୍ଥାୟୀ ପୋଖରୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା।


ଭସାଣି ପାଇଁ ମା' କାଳୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

### ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ'

ତିହିଡ଼ି, ୧୬।୧୧ (ଡି.ଏନ.ଏ.)

ତିହିଡ଼ି ବ୍ଲକ ଅଧୀନ ୯ଟି ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଯୁବବାହିନୀର କର୍ମକର୍ତ୍ତା ଅଲୀନଗର ବଜାରରୁ ଦୋଳସାହି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବିଭିନ୍ନ ପ୍ଲାକାର୍ଡ ଧରି ଏବଂ ସ୍ଲୋଗାନ ଦେଇ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ ଓ ଚିନ୍ତାମଣି ଦାସ, ଯୁବବାହିନୀର ଜିଲା ସଂଯୋଜକ ରାଜନାରାୟଣ ଜେନା, ପ୍ରଦୀପ ପ୍ରଧାନ, ବ୍ଲକ ସଂଯୋଜକ ପ୍ରଶାନ୍ତ ଖଟୁଆ, ଉତ୍ତମ ବିଶ୍ୱାଳ, ସଂଗ୍ରାମ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୯୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଭଣ୍ଡାରିପୋଖରୀ, ୧୬।୧୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀସ୍ଥିତ ଶାରଦା ବିଦ୍ୟାମନ୍ଦିରଠାରେ ଶନିବାର ୮ମ ବାର୍ଷିକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ପରାମର୍ଶଦାତା ଇଂ. ଅଭୟ ସୂତାର ଯୋଗ ଦେଇଥିଲେ। ଏହି ମେଳା ଦ୍ୱାରା ଶିଶୁ ବୈଜ୍ଞାନିକମାନଙ୍କ ଚିନ୍ତା ଓ ଚେତନା ବିଜ୍ଞାନ ମନସ୍କ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ମୁଖ୍ୟବକ୍ତା ଅଧାପକ ନୀହାର ରଞ୍ଜନ କର, ଅନ୍ୟତମ ଅତିଥି ଭାବେ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ପରିଚାଳକ ନିର୍ମଳ କୁମାର ସେନାପତି ଓ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସେନାପତି ଯୋଗଦେଇ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଉଦାହରଣ ମାଧମରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମେଳାରେ ମୋଟ ୯୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୁସ୍ମିତା ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ସୁଜାତା ପାଢୀ ଉତ୍ସବର ଆଭିମୁଖ୍ୟ ରଖିଥିଲେ। ପ୍ରଭାତୀ ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଡ. ଆଶୁତୋଷ ବଳ, ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାପାତ୍ର, ସୁଶାନ୍ତ ସେନାପତି, ସୁସ୍ମିତା ସ୍ୱାଇଁ ଓ ସୁଦେଷ୍ଣା ପତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପବନ କୁମାର ନାୟକ ଅତିଥି ପରିଚୟ ଓ ଦମୟନ୍ତୀ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନଭିତ୍ତିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ସ୍ପୋର୍ଟ୍ସ କ୍ଲବ ସଦସ୍ୟଙ୍କ ଗାନ୍ଧୀ ବାଳାଶ୍ରମ ପରିଦର୍ଶନ


ସ୍ପୋର୍ଟ୍ସ କ୍ଲବ୍ ସଦସ୍ୟଙ୍କ ଗହଣରେ ଗାନ୍ଧୀ ବାଳାଶ୍ରମର ପିଲାମାନେ।

ଭଦ୍ରକ ଅଫିସ, ୧୬।୧୧

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଗାନ୍ଧିଜୀଙ୍କ ଓଡ଼ିଶା ସହ ସମ୍ପର୍କ ରହଣିସ୍ଥଳ ପରିଦର୍ଶନ, ଶାନ୍ତି ସଦ୍‌ଭାବନା, ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଭୁବନେଶ୍ୱର କଳିଙ୍ଗ ମୋଟର ସ୍ପୋର୍ଟ୍ସକ୍ଲବର ସମ୍ପାଦକ ରମେଶ ପାତ୍ରଙ୍କ ନେତୃତ୍ୱରେ ୧୦ ଜଣିଆ ଦଳ ଭଦ୍ରକର ଐତିହାସିକ ଗାନ୍ଧୀ ବାଳାଶ୍ରମ ପରିଦର୍ଶନ କରିଛନ୍ତି। ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଅଧୀକ୍ଷକ ହୃଷୀକେଶ ମହାନ୍ତି, ବରିଷ୍ଠ ଖବରଦାତା ପରମାନନ୍ଦ ଦାସ, ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧକ୍ଷ ପ୍ରାଧାପକ କମଳାକାନ୍ତ ସ୍ୱାଇଁ, ରୋଟାରୀ କ୍ଲବ ମିଡ୍‌ଟାଉନ ଭଦ୍ରକର ସଭାପତି ଅତିଶ ବେହେରାଙ୍କ ସମେତ ବାଳାଶ୍ରମର ଅନ୍ତେବାସୀ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ବାଳାଶ୍ରମ ପରିସରରେ ଥିବା ଗାନ୍ଧୀ ସ୍ମୃତି ମନ୍ଦିର, ଗାନ୍ଧିଜୀଙ୍କ ବ୍ୟବହୃତ ଜିନିଷ ସେମାନେ ଦେଖିବା ସହ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବାଳାଶ୍ରମ ସଭାଗୃହରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ପରମାନନ୍ଦ ଦାସଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବାଳାଶ୍ରମ ପ୍ରତିଷ୍ଠା ଓ ଏଠାରେ ଗାନ୍ଧିଜୀଙ୍କ ୩ ଦିନ ରହଣି ସମ୍ପର୍କରେ ସୂଚନା ଦିଆଯାଇଥିଲା।

# ୧୧ ଛାତ୍ରୀଛାତ୍ରଙ୍କୁ ଭୈରବୀ ନୋବୁଲ ଆୱାର୍ଡ

ବାସୁଦେବପୁର, ୧୬।୧୧(ଡି.ଏନ.ଏ.)

ବାସୁଦେବପୁରର ଏ.ବି. ହାଇସ୍କୁଲ ପରିସରରେ ଭୈରବୀ ନୋବୁଲ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ୮ମ ବାର୍ଷିକ ଭୈରବୀ ନୋବୁଲ ଆୱାର୍ଡ-୨୦୧୯ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧ କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଆୱାର୍ଡ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରେ ଗତ ମାଟ୍ରିକ ପରୀକ୍ଷାରେ ଭଦ୍ରକ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଲଲାଟେନ୍ଦୁ ସାହୁଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ବାସୁଦେବପୁର ବ୍ଲକ ଓ ପୌରପାଳିକାର କୃତୀ ଛାତ୍ରୀଛାତ୍ର ବିଜୟଲକ୍ଷ୍ମୀ ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ପ୍ରିୟଙ୍କା ସ୍ୱାଇଁ, ଶିବରଞ୍ଜନ ଭରଦ୍ୱାଜ, ପ୍ରାଚୀପ୍ରଭା ପଣ୍ଡା, ବିଭୁଦତ୍ତ ମିଶ୍ର, ଶର୍ମିଷ୍ଠା ନାୟକ, ପ୍ରୀତମ ବେହେରା, ପ୍ରୀତିଶ କୁମାର ଓଝା ଓ ରଞ୍ଜନ ଦାସଙ୍କୁ ୫ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଭଲ ମଣିଷ ହୋଇ ସମାଜ ହିତରେ ନିଜକୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର ସମ୍ବଲପୁରର ଡିନ୍ ପ୍ରଫେସର ଡ. ଶରତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର ସେମାନଙ୍କ ସ୍ଥିର ଲକ୍ଷ୍ୟକୁ ବିସ୍ତୃତ କରି ଏଥିରେ ସଫଳ ହେବାକୁ ଆହ୍ୱାନ ଜଣାଇଥିଲେ। ଛାତ୍ରୀଛାତ୍ର ଭବିଷ୍ୟତ ପାଇଁ ଏକ ଛାପ ଛାଡ଼ିଯିବା ଉଚିତ ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଏ.ବି. ହାଇସ୍କୁଲର ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢୀ ଛାତ୍ରୀଛାତ୍ର ସମାଜ ପାଇଁ ଆଲୋକବର୍ତ୍ତିକା ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗ ଦେଇଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଖଗେନ୍ଦ୍ର ପ୍ରସାଦ ମହାନ୍ତି ସ୍ୱାଗତ ବକ୍ତବ୍ୟ ପ୍ରଦାନ ସହିତ ମଞ୍ଚ ସଂଯୋଜନା କରିଥିଲେ। ଅତିଥି ପରିଚୟ ଦେଇଥିଲେ ସଭାପତି ଅଧାପକ ରମେଶ ଚନ୍ଦ୍ର ବେହେରା। ସମ୍ପାଦକ ଗୌତମ ଦାସ ବିବରଣୀ ପାଠ କରିଥିଲେ। ଶେଷରେ ଶଶାଙ୍କ ଶେଖର ସାମଲ ଧନ୍ୟବାଦ ଦେଇଥିଲେ।


ଭୈରବୀ ନୋବୁଲ ଫାଉଣ୍ଡେଶନ ଟ୍ରଷ୍ଟର ୮ମ ବାର୍ଷିକ ଭୈରବୀ ନୋବୁଲ ଆୱାର୍ଡ-୨୦୧୯ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ନଭେମ୍ବର ୧୭/୨୦୧୯ Balasore, Sunday, November 17/2019

## ସଂକ୍ଷେପରେ

### ୩ ଶିକାରୀ ଗିରଫ, ୨ ବନ୍ଧୁକ ଜବତ



**ଔପଦା,୧୬ା୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବନବିଭାଗ ତରଫରୁ ଶୁକ୍ରବାର ବିଳମ୍ବିତ ରାତିରେ ୩ ଶିକାରୀଙ୍କୁ ଗିରଫ କରାଯିବା ସହିତ ୨ଟି ଗୁଳି ଭର୍ତ୍ତି ବନ୍ଧୁକ ଜବତ କରାଯାଇଛି। ସେମାନେ ହେଲେ ବନ୍ଦସାହି ଗ୍ରାମର ଅଜୟ ନାଇକ (୨୨), ବାଙ୍ଗରୁ ନାଇକ (୨୪), ଦାଢ଼ିଆସାହି ଗ୍ରାମର ସାଗର ସିଂ (୧୮)। ରେଞ୍ଜର ବବିତା ସୋରେନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ଼ ବବିତାରାଣୀ ମହାକୁଡ଼ ଓ ସବୁଜ ବାହିନୀ କର୍ମଚାରୀ ଦେବେନ୍ଦ୍ର ରାଉତ, ପର୍ଶୁରାମ ମହାନ୍ତି ଓ ରମାକାନ୍ତ ବାରିକ ସଦଳବଳ ରାତି ପ୍ରାୟ ୧ଟା ୩୦ମିନିଟ୍‌ରେ କୁଲଡ଼ିହା ଅଭୟାରଣ୍ୟ ବାଘଆମ୍ବୁଡ଼ା ବିଟ୍ ହାଉସ ଅଞ୍ଚଳର ଡାହି ଛକରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲେ। ବନବିଭାଗ ତରଫରୁ ମାମଲା (ନଂ. ୪୪/୨୦୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରୂପ୍‌ସା,୧୬ା୧୧(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ନିଧିପଣ୍ଡା ଛକ ନିକଟ ରାସ୍ତା ପାର୍ଶ୍ୱରେ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ୭୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ହଳଦୀପଦା ଫାଣ୍ଡି ପୋଲିସ ଖବରପାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ସମ୍ବର ମାଂସ ସହ ୩ ଶିକାରୀ ଗିରଫ ଧନୁ ଓ ତୀର ଜବତ

**ଠାକୁରମୁଣ୍ଡା, ୧୬ା୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ମିଟୁଆଣି ଫରେଷ୍ଟ ବିଟ୍ ଅଞ୍ଚଳରେ ଥିବା ଶିମିଳିପାଳ ସଂରକ୍ଷିତ ଜଙ୍ଗଲରୁ ଏକ ସମ୍ବରକୁ ମାରି ମାଂସ ଭାଗବଣ୍ଟା କରି ଗ୍ରାମକୁ ଫେରୁଥିବା ବେଳେ ୩ ଶିକାରୀଙ୍କୁ ଧରାଯାଇଛି। ଅନ୍ୟ ୧୦ ଶିକାରୀ ଖସି ଯାଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗ ଓ ବନବିଭାଗ କର୍ମଚାରୀ ଶନିବାର ସକାଳେ ମିଳିତ ଭାବରେ ଚଢ଼ାଉ କରି ୩ ଜଣଙ୍କୁ ଧରିବା ସହ ସେମାନଙ୍କ ଠାରୁ ୧ କେଜି ମାଂସ ୬ଟି ଧନୁ ଓ ତୀର, ଏକ କୁରାଢ଼ୀ ଜବତ କରିଛନ୍ତି। ଧରା ପଡିଥିବା ଶିକାରୀମାନେ ହେଲେ ଘୋଡାବିନ୍ଧା ଗ୍ରାମର ମୁକୁନ୍ଦ ପୂର୍ତ୍ତି, ଖେଡ଼ିଆପୋଷି ଗ୍ରାମର ଶ୍ୟାମ ସୋରେନ ଓ ବୟା ସୋରେନ । ଏହି ଘଟଣାରେ ଏକ ମାମଲା ରୁଜୁ କରି ଗିରଫ ଶିକାରୀଙ୍କୁ ପଚରାଉଚୁରା କରାଯାଉଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଚୋରି ପିକ୍‌ଅପ୍ ଉଦ୍ଧାର, ଜଣେ ଅଟକ

**ସଜନାଗଡ଼, ୧୬ା୧୧(ଡି.ଏନ.ଏ.):** ନୀଳଗିରି ଥାନା ଅଧୀନ କାଣ୍ଡଗରଡ଼ିହି ଗ୍ରାମରୁ ଏକ ପିକ୍‌ଅପ୍ (ନଂ. ଓଆର୦୫ଏଭି-୧୬୦୧)କୁ କେହି ଦୁର୍ବୃତ୍ତ ଚୋରି କରିନେଇ ପଳାଇଥିଲେ। ନୀଳଗିରି ପୋଲିସ ଖବରପାଇ ବାଲିପାଳ ଛକଠାରେ ପିକ୍‌ଅପକୁ ଉଦ୍ଧାର କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି। କାଣ୍ଡଗରଡ଼ିହି ଗ୍ରାମର ପ୍ରଫୁଲ୍ଲ ନାୟକ (୪୮) ଲିଜ୍ ସୂତ୍ରରେ ଉକ୍ତ ପିକ୍‌ଅପ୍‌କୁ କଟକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ଆଣିଥିଲେ। ଶୁକ୍ରବାର ରାତି ୯ଟା ବେଳେ ଘର ଅଗଣାରେ ଥିବା ଉକ୍ତ ପିକଅପ୍‌କୁ କେହି ଚୋରି କରି ନେଇଯାଇଥିବା ବେଳେ ମାଲିକ ନୀଳଗିରି ଥାନାକୁ ଫୋନ୍ କରିବା ସହିତ ଅନ୍ୟ ଥାନାକୁ ଖବର ଦେଇଥିଲେ। ନୀଳଗିରି ଥାନା ସବଇନ୍ସପେକ୍ଟର ବାସୁଦେବ ଜୟସିଂହ ସଦଳବଳେ ଚଢ଼ାଉ କରିଥିଲେ। ବାଲିପାଳ ଛକଠାରେ ଉକ୍ତ ପିକ୍‌ଅପ୍‌କୁ ଜବତ କରାଯାଇଛି।

# ବୁଢ଼ାବଳଙ୍ଗରୁ ବେଆଇନ ବାଲି ଉତ୍ତୋଳନ

## ■ ଜେସିବି ସାହାଯ୍ୟରେ ଲୁଟ ହେଉଛି ଲଘୁ ଖଣିଜ ସମ୍ପଦ

**ବଡ଼ସାହି,୧୬ା୧୧(ସ୍ୱ.ପ୍ର.)**



ମେଶିନ ଯୋଗେ ବାଲି ଉତ୍ତୋଳନ କରାଯାଉଛି।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ ଦିନକୁ ଦିନ ବଢି ଚାଲିଛି। ପ୍ରଶାସନ ପକ୍ଷରୁ ଏହାକୁ ରୋକାଯାଇପାରୁ ନାହିଁ। ବାଲି ଉତ୍ତୋଳନ ଯୋଗୁଁ ନଦୀପଠା କ୍ଷୟ ହୋଇ ତଟବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରୁଛି । ଏଠାକାର ମହୁପୁରା, ବେଲପାଳ, ଡିଙ୍ଗିରା, ଆରପଟା, ଶାକୁଆ ଓ ପ୍ରତାପପୁର ଅଞ୍ଚଳର ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ ଲାଗି ଅନୁମତି ଅଣାଯାଇ ରାଜସ୍ୱ ଜମା କରାଯାଉଛି। ହେଲେ ତହସିଲ ପକ୍ଷରୁ ଦିଆଯାଉଥିବା ଟ୍ରାନଜିଟ ପାସର ଦୂରୁପଯୋଗ କରାଯାଇ କେତେକ ସ୍ଥାନରେ ବେଆଇନ ବାଲି ଚାଲାଣ କରାଯାଉଥିବାରୁ ସରକାର ରାଜସ୍ୱ ହରାଉଥବବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ବାଲି ଘାଟରୁ ଜେସିବି ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ ନ କରିବାକୁ ଲଘୁ ଖଣିଜ ସମ୍ପଦ ବିଭାଗର କଡା ନିୟମ ଥିଲେ ସୁଦ୍ଧା ଏହାକୁ ଖୋଲାଖୋଲି ଉଲଙ୍ଘନ କରାଯାଉଛି । ସେହିପରି ଅନ୍ୟ କେତେକ ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀଶଯ୍ୟା କ୍ଷୟ ହୋଇ ବନ୍ଧବାଡ ପ୍ରତି ବିପଦ ସୃଷ୍ଟି କରୁଛି । ଏହାକୁ କେହି ବିରୋଧ କଲେ ବାଲି ବେପାରୀ ଧମକଚମକ ଦେଉଥିବା ଗ୍ରାମବାସୀ କହିଛନ୍ତି । ରାଜସ୍ୱ ବିଭାଗ ସମେତ ପୋଲିସ ପ୍ରଶାସନ ଓ ଲଘୁଖଣିଜ ବିଭାଗ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କଂଗ୍ରେସ ନେତା ଶଶାଙ୍କ ଶେଖର କର ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରୁ ମେଶିନରେ ବାଲି ଉଠୁଥିଲେ ତୁରନ୍ତ ଏହାକୁ ବନ୍ଦ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭୋଗରାଇରେ ବିରଳ ପ୍ରଜାତିର ମାଛ

**ଭୋଗରାଇ,୧୬ା୧୧(ଡି.ଏନ.ଏ.)**



ଉଦ୍ଧାର ମାଛ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୁସୁଟି ଗ୍ରାମ ନିକଟସ୍ଥ ଧାନ କ୍ଷେତରେ ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର ହୋଇଛି। ଦେଢ଼ଫୁଟ୍ ଲମ୍ବର ଏହି ବିରଳମାଛ ଦେହସାରା ବିଚିତ୍ର ରଙ୍ଗଥିବା ବେଳେ ମୁଣ୍ଡ ଭାଗ ଚେପଟା ଓ କିମ୍ଭୂତ ଆକାର ହୋଇଛି। ମାଛର କାତିଗୁଡ଼ିକ ଶକ୍ତ ରହିଛି। କୁସୁଟି ଗ୍ରାମର ଚିତ୍ତରଞ୍ଜନ ଭଞ୍ଜ ସକାଳଉ ଧାନଜମି ପରିଦର୍ଶନରେ ଯାଇ ଥିବା ବେଳେ ଧାନ ଜମି ସଂଲଗ୍ନ ବନ୍ଧରେ ଏକ ଜାଲରେ ମାଛଟି ଛନ୍ଦି ହୋଇ ଛଟପଟ ହେଉଥିବା ନଜରକୁ ଆସିଥିଲା। ସେ ତତ୍କ୍ଷଣାତ୍ ମାଛଟିକୁ କୌଶଳକ୍ରମେ ଜାଲରୁ ମୁକୁଳାଇ ଗ୍ରାମକୁ ଆଣିଥିଲେ। ଏହି ମାଛକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ଲୋକଙ୍କ ଭିଡ଼ ହୋଇଥିଲା। ମାଛକୁ ଏକ ପାତ୍ରରେ ଜିଅନ୍ତା ରଖାଯାଇଛି। ସମ୍ଭବତଃ ଏହି ମାଛ ସୁବର୍ଣ୍ଣରେଖା ନଦୀରୁ ଚିତେଇ ନଈକୁ ଆସି ଝଡ଼ବର୍ଷାରେ ଧାନଜମିରେ ପଶିଯାଇଥିବା ଅନୁମାନ କରାଯାଇଛି। ଏହି ବିରଳ ପ୍ରଜାତିର ମାଛ ଉଦ୍ଧାର ଲାଗି ମତ୍ସ୍ୟ ଅଧିକାରୀଙ୍କୁ ସୂଚନା ଦିଆଯାଇଛି।

## ଆନ୍ଦୋଳନ ପରେ ପୂର୍ବବର୍ଷର ପରୀକ୍ଷା ଫି କାଏମ ରହିଲା

**ବାରିପଦା ଅଫିସ,୧୬ା୧୧**

**ଉତ୍ତରଓଡିଶା ବିଶ୍ୱବିଦ୍ୟାଳୟ**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତରଓଡିଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ ପରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବବର୍ଷର ପରୀକ୍ଷା ଫି ଏଥର କାଏମ ରଖିବାକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା ଫି ବୃଦ୍ଧି ବିରୋଧରେ ଛାତ୍ରୀଛାତ୍ର ଆନ୍ଦୋଳନ କରିଥିଲେ। ଉଲ୍ଲେଖନୀୟ ଯେ, ବିଶ୍ୱବିଦ୍ୟାଳୟର ପ୍ରଥମ ବର୍ଷର ପରୀକ୍ଷା ଫି ବୃଦ୍ଧି କରାଯାଇ ୭୪୦ ଟଙ୍କା ରଖାଯାଇଥିଲା କିନ୍ତୁ ପୂର୍ବ ବର୍ଷର ଫି ଥିଲା ୩୯୦ ଟଙ୍କା । ଏହି ବର୍ଦ୍ଧିତ ଫି କମାଇବାକୁ ଦାବି କରି ଛାତ୍ରନେତା ଚିତ୍ତେଶ୍ୱର ବେହେରାଙ୍କ ନେତୃତ୍ୱରେ ଛାତ୍ରନେତା ମନିଷ ଗିରି, ଆକାଶ ମହାନ୍ତି, ଅସଲାମ ମହମ୍ମଦ, ଲୋକନାଥ ମହାନ୍ତ, ରାଜେଶସାହୁ, ରାଜକିଶୋର ସ୍ୱାଇଁ, ସମୀର ଲେଙ୍କା, ଗୁଣନିଧୀ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରି ଗତ ୬ ତାରିଖରେ ଧାରଣାରେ ବସିଥିଲେ। କର୍ତ୍ତୃପକ୍ଷ କିଛି ନ ଶୁଣିବାରୁ ସେମାନେ ୭ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଥିଲେ। ପରେ ୮ ତାରିଖ ସନ୍ଧ୍ୟାରେ କୁଳପତି ପ୍ରଦୀପ କୁମାରଚାନ୍ଦ ଚାନ୍ଦ ଛାତ୍ରମାନଙ୍କ ସହିତ ଆଲୋଚନାକରି ପରୀକ୍ଷା ଫି କମାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ କୁଳାଧିପତିଙ୍କ ପ୍ରିନ୍ସିପାଲ ସେକ୍ରେଟେରୀଙ୍କୁ ପତ୍ର ଲେଖାଯିବା ପରେ ଛାତ୍ରମାନେ ଆମରଣ ଅନଶନରୁ ହଟିଥିଲେ। କୁଳାଧିପତିଙ୍କ ସ୍ପେଶାଲ ସେକ୍ରେଟାରୀ ଚିତ୍ତରଞ୍ଜନ ମହାନ୍ତି ଚିଠି ନଂ.୧୩୫୫୧ ରେ ଉତ୍ତରଓଡିଶା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ପୂର୍ବବର୍ଷର ଫି ଏଥର ଆଦାୟ କରିବାକୁ ଏବେ ଅବଗତ କରାଇଛନ୍ତି। ଛାତ୍ରୀଛାତ୍ରମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା

**ରେମୁଣା, ୧୬ା୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲଗୋପାଳପୁରସ୍ଥିତ ବାଲେଶ୍ୱର ଆଲୟେଜ କାରଖାନା ସମ୍ମୁଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଇସ୍ପାତ ଶ୍ରମିକ ସଂଘ ସଭାପତି ସନ୍ତୋଷ ଖଟୁଆ, ଇସ୍ପାତ ଆଲୟେଜ କର୍ମଚାରୀ ସଂଘ ସଭାପତି ତଥା ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଇସ୍ପାତ ମଜଦୁର ସଭା ସଭାପତି ଅରୁଣ କୁମାର ସ୍ୱାଇଁ, ଇସ୍ପାତ ଆଲୟେଜ ଏମ୍ପ୍ଲୋୟିଜ୍ ୟୁନିୟନ ସଭାପତି ସୁଧିର ମଙ୍ଗରାଜ ଏବଂ ଇସ୍ପାତ ଆଲୟେଜ ଶ୍ରମିକ କର୍ମଚାରୀ ସଂଘ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୋଲିସ ପକ୍ଷରୁ ଡିଏସ୍‌ପି ଅମୂଲ୍ୟ କୁମାର ଧର, ରେମୁଣା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ୧ ପ୍ଲାଟୁନ ଫୋର୍ସ ସହ ଉପସ୍ଥିତ ଥିଲେ। ପରେ ନେତୃବୃନ୍ଦ କାରଖାନା ଭିତରକୁ ଯାଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

## ତହସିଲଦାରଙ୍କ ଗାଡ଼ି ଧକ୍କାରେ ଦୁଇ ଖବରଦାତା ଗୁରୁତର

**ସଜନାଗଡ଼, ୧୬ା୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ତହସିଲଦାରଙ୍କ ଗାଡ଼ି ଧକ୍କାରେ ନୀଳଗିରି ଅଞ୍ଚଳର ଦୁଇ ଯୁବ ଖବରଦାତା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ନୀଳଗିରି ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ମିରିଗିଣି ଅଞ୍ଚଳରୁ ଏକ ଚୋରା ମେଟାଲ ବୋଝେଇ ଟ୍ରାକ୍ଟରକୁ ନୀଳଗିରି ତହସିଲକୁ ଆଣୁଥିବା ବେଳେ ଦୁଇ ଖବରଦାତା ବିଶ୍ୱମ୍ବର ଦାସ ଓ ପ୍ରିୟନାଥ ବେହେରା ଫଟୋ ଉଠାଉଥିଲେ। କଦମସାହି ଛକଠାରେ ତହସିଲଦାର ଚଳାଉଥିବା ସରକାରୀ ଗାଡ଼ି ଦୁଇ ଜଣଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ତହସିଲଦାର ସେଠାରୁ ପଳାଇ ଯାଇଥିବାରୁ ଏହାକୁ ସାଧାରଣରେ ନିନ୍ଦା କରାଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ସମସ୍ତ ଗଣମାଧମ ପ୍ରତିନିଧି ମେଡ଼ିକାଲରେ ପହଞ୍ଚିଥିଲେ। ଉପଜିଲାପାଳ ହରିଶ ଚନ୍ଦ୍ର ଜେନା, ଏସ୍‌ଡିପିଓ ଅମୂଲ୍ୟ ଧର, ସମାଜସେବୀ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଗତିକୃଷ୍ଣ ନନ୍ଦ, ସିପିଆଇର ବରିଷ୍ଠ ନେତା ନିରଞ୍ଜନ ବାରିକ, ଆଇନଜୀବୀ ଗୌରହରି ନାୟକ, ନୀଳଗିରିର ଓକିଲ ସଂଘ ଓ ମୋହରିର ସଂଘ, ମିତ୍ରପୁର ଟ୍ରକ ଆସୋସିଏଶନ, କ୍ରଶର ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ମେଡ଼ିକାଲରେ ପହଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ତହସିଲଦାରଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏନେଇ ନୀଳଗିରି ଥାନାରେ ଦୁଇ ଖବରଦାତା ଅଭିଯୋଗ କରିଛନ୍ତି।

## ଲୁଟେରାଙ୍କୁ କାବୁ କରି ନିର୍ଘୂମ୍ ମାଡ଼ ୨ ଗିରଫ, ବାଇକ୍ ଜବତ

**ରୂପ୍‌ସା, ୧୬ା୧୧(ଡି.ଏନ.ଏ.)**



ଗିରଫ ୨ ଅଭିଯୁକ୍ତ।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଆଙ୍କୋ ମାର୍କେଟ୍ ଛକରେ ଶନିବାର ସ୍ଥାନୀୟ ଲୋକେ ୨ଜଣ ଲୁଟେରାଙ୍କୁ କାବୁ କରି ନିର୍ଘୂମ ମାଡ଼ ମାରିଛନ୍ତି। ଥାନାଧିକାରୀ ସୁଚନ୍ଦ୍ର ମହାଲିକ ସଦଳବଳ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଆଙ୍କୋ ଗ୍ରାମର ରତ୍ନାକର ବେହେରା ଅପରାହ୍ନରେ ରୂପ୍‌ସା ୟୁନାଇଟେଡ ବ୍ୟାଙ୍କରୁ ୨୦ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ୨ଜଣ ଲୁଟେରା ତାଙ୍କୁ ପିଛା କରି ଆଙ୍କୋ ୟୁପି ସ୍କୁଲ ନିକଟରୁ ୨୦ହଜାର ଟଙ୍କା ଲୁଟ୍ କରି ଦ୍ରୁତ ବେଗରେ ପଳାଉଥିଲେ। ମାତ୍ର ଭାରସାମ୍ୟ ହରାଇ ଆଙ୍କୋ ଛକଠାରେ ଅଭିଯୁକ୍ତଦ୍ୱୟ ବାଇକ୍‌ରୁ ପଡ଼ିଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଏହାପରେ ଲୁଟେରାଦ୍ୱୟଙ୍କୁ ନିର୍ଘୂମ୍ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଦ୍ୱୟ ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ପି. ଅଜୟ ଓ କୋଦଳା ଥାନା ଅଞ୍ଚଳର ପି. ସୁଭାଷଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଏକ ଆପାଚି ବାଇକ୍ (ନଂ. ଓଡ଼ି୦୨ବିସି-୮୩୭୮) ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୮୪/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଠିକାଦାର ସଂଘ ପକ୍ଷରୁ ବିକ୍ଷୋଭ

**ବାରିପଦା ଅଫିସ,୧୬ା୧୧**

ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଆହ୍ୱାନ କ୍ରମେ ଗତ ପହିଲାରୁ ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ବିଭିନ୍ନ ରାସ୍ତା ପରିଦର୍ଶନ କରିବା ନିମନ୍ତେ ଷ୍ଟେଟ କ୍ୱାଲିଟି ମନିଟର ଟିମ୍‌ର ସଦସ୍ୟମାନେ ଆସି ଶୁକ୍ରବାର ବାରିପଦାରେ ପହଞ୍ଚିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ସଙ୍ଘର କର୍ମକର୍ତ୍ତାମାନେ ଟିମର ସଦସ୍ୟଙ୍କୁ ବିରୋଧ କରି ଫେରିଯିବା ପାଇଁ ଅନୁରୋଧ କରିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଓଡ଼ିଶା ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଆରଡ଼ି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ଏକ ଆଦେଶନାମାରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିବା ଲାଗି କୁହାଯାଇଛି। ବିରୋଧ ପ୍ରଦର୍ଶନ କରିଥିବା ଠିକାଦାରଙ୍କୁ ସେଥିରେ ଅପରାଧୀ ବୋଲି ଦର୍ଶାଯାଇଥିବା ଜଣାପଡିବା ପରେ ସଂଘ ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଶନିବାର ବାରିପଦା ମୁର୍ଗାବାଡ଼ି ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାର ସଂଘର କର୍ମକର୍ତ୍ତାମାନେ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସଂଘର ସଭାପତି ପରେଶଚନ୍ଦ୍ର ମହାନ୍ତ, ସମ୍ପାଦକ ସନ୍ତୋଷକୁମାର ଖଣ୍ଡେଲୱାଲ ଓ ସହସମ୍ପାଦକ ତରୁଣମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦର ବୃଦ୍ଧି ନେଇ ଦୋକାନରେ ଚଢ଼ାଉ



ଚାନ୍ଦବାଲି ଏନ୍‌ଏସି ଅଞ୍ଚଳର ଏକ ଦୋକାନରେ ଯୋଗାଣ ଅଧିକାରୀ ପଚରାଉଚରା କରୁଛନ୍ତି।

**ଚାନ୍ଦବାଲି, ୧୬ା୧୧ (ଡି.ଏନ.ଏ.)**

ବାତ୍ୟା ବୁଲ୍‌ବୁଲ୍ ପରେ ଚାନ୍ଦବାଲି ବ୍ଲକର କେତେକ ଅଞ୍ଚଳରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଆଳୁ ଓ ପିଆଜର ଦର ବୃଦ୍ଧି ନେଇ ଅଭିଯୋଗ ହୋଇଥିଲା। ଶନିବାର ମଧ୍ୟାହ୍ନରେ ଯୋଗାଣ ବିଭାଗ ଓ ପ୍ରଶାସନ ପକ୍ଷରୁ ଚାନ୍ଦବାଲି ସହରର କେତେକ ଦୋକାନ ପରିଦର୍ଶନ ସହ ଚଢ଼ାଉ କରାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶରେ ଯୋଗାଣ ବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଓ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ମହାରଣା ମିଳିତ ଭାବେ ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ଛୋଟବଡ଼ ଦେକାନ ବୁଲି ଦେଖିଥିଲେ। ହୋଲସେଲ୍ ଓ ରିଟେଲର୍ ଦୋକାନରେ ଚଢ଼ାଉ କରାଯିବା ସହ ସେମାନଙ୍କୁ ନିର୍ଦ୍ଧାରିତ ଦାମ୍‌ରେ ଖାଉଟି ସାମଗ୍ରୀ ବିକ୍ରିକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୋକାନରେ ବିକ୍ରି ହେଉଥିବା ଆଳୁ, ପିଆଜ ଦର ପଚାରିବା ସହିତ ବ୍ୟବସାୟୀ ଓ ଖାଉଟିଙ୍କ ସହିତ ଆଲୋଚନା କରିଥିଲେ। ନିତ୍ୟ ବ୍ୟବହାର ଖାଉଟି ସାମଗ୍ରୀର ଦରଦାମ୍ ବୃଦ୍ଧି ରୋକିବାକୁ ଦୋକାନରେ ରେଟଚାଟ୍ ଲଗାଇବା ପାଇଁ ସେମାନେ ଦୋକାନୀଙ୍କୁ ପରାମର୍ଶ ଦେଇଥିଲେ।

## ରାସ୍ତାକଡ଼ରୁ ବୃଦ୍ଧାଙ୍କୁ ଉଦ୍ଧାର କଲା ପ୍ରଶାସନ

**ସଜନାଗଡ଼,୧୬ା୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଜିଲାପାଳଙ୍କ ଅଫିସ୍‌ଠାରୁ ମାତ୍ର ୫୦୦ ମିଟର ଦୂର ବିଟ୍ ଦୁର୍ଗାମଣ୍ଡପ ରାସ୍ତାକଡ଼ରେ ୨ଦିନ ଧରି ଏକ ନିରାଶ୍ରୟା ବୃଦ୍ଧା ଖାଇବାକୁ ନ ପାଇ ପଡିରହିଥିଲେ। ଗଣମାଧମ ପ୍ରତିନିଧିମାନେ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଶନିବାର ତାଙ୍କୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଉଛନ୍ତି ନୀଳଗିରି ଏନ୍‌ଏସିର ୬ନଂ. ୱାର୍ଡ଼ର ପମା ମୁର୍ମୁ (୮୦)। ତାଙ୍କ ପରିବାରରେ କେହି ନ ଥିବାରୁ ସେ ଘୁଷୁରି ଘୁଷୁରି ଦୋକାନ ବୁଲି ଭିକ୍ଷାବୃତ୍ତିକୁ ଆପଣାଇଥିଲେ। ସେ ପାରାଲିସସ୍ ରୋଗରେ ଆକ୍ରାନ୍ତ ହେବା ପରେ ୨ଦିନ ହେଲଣି ପଡି ରହିଥିଲେ। କାହ୍ନୁ ନାମକ ଜଣେ ହୋଟେଲ ମାଲିକ ପ୍ରତିଦିନ ଖାଦ୍ୟ ଆଣି ପମାଙ୍କୁ ଦେଇଥାନ୍ତି। ଗଣମାଧମର ପ୍ରତିନିଧିମାନେ ଏହା ଜାଣିବା ପରେ ନୀଳଗିରି ଉପ-ଜିଲାପାଳଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ନୀଳଗିରି ବିଡିଓ ରାମଦାସ ଟୁଡୁ, ଏନ୍‌ଏସିର ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ଏନ୍‌ଏସିର ଅମିନ ମନୋଜ ଦାସ ପହଞ୍ଚି ବୃଦ୍ଧାଙ୍କୁ ତୁରନ୍ତ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସରକାରୀ ସ୍ତରରେ ଯାହା ସହାୟତା ଯୋଗାଇ ଦିଆଯାଇପାରିବ ତାହା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।



ବୃଦ୍ଧାଙ୍କୁ ଉଦ୍ଧାର କରାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଜି କ'ଣ କେଉଁଠି

- ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା। ସ୍ଥାନ: କଳାଘର, ସୋର, ରବିବାର: ପୂର୍ବାହ୍ନ ୧୦ଟା।

# ବିତିଲାଣି ୨୧ବର୍ଷ, ଭୁଲି ହେଉନି ଦୁଃଖ

**ଖଇରା, ୧୬।୧୧(ଡି.ଏନ.ଏ.)**

ସେଦିନ ଥିଲା ୧୯୯୮ ନଭେମ୍ବର ୧୭ତାରିଖ । ବାଲେଶ୍ୱର ଜିଲା ଖଇରା ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନମେଳାର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ପିଲାମାନଙ୍କର ସୁଅ ଖଇରା ସରକାରୀ ହାଇସ୍କୁଲକୁ ଛୁଟିଥିଲା । କେହି ବସରେ ତ କେହି ଟ୍ରେକରରେ ଆସିଥିଲେ। କୁପାରୀ ଅଞ୍ଚଳର ଗଡପୋଖରୀ, ବାଉଁଶଗଡିଆ, ବଗେଇପୁର, ହରିପୁରଠାରେ ଥିବା ବିଦ୍ୟାଳୟରୁ ପିଲାମାନେ ବିଜ୍ଞାନ ମେଳା ଦେଖିବାକୁ କୁପାରୀ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। କୌଣସି ଯାତ୍ରୀବାହୀ ଗାଡି ଆସୁ ନ ଥିବାରୁ ସେମାନେ ବହୁ ସମୟ ଅପେକ୍ଷା କରିଥିଲେ। ଏହି ସମୟରେ ଆନନ୍ଦପୁରରୁ ବାଲି ବୋଝେଇ କରି ଖଇରା ଅଭିମୁଖେ ଯାଉଥିବା ଏକ ଟ୍ରକ(ନଂ.ଓଆର-୦୧-୫୧୮୫) ଡାଲାରେ ପିଲାମାନଙ୍କ ଦାୟିତ୍ୱରେ ଥିବା ଶିକ୍ଷକମାନେ ପ୍ରାୟ ୫୦ଜଣ ପିଲାଙ୍କୁ ବସାଇ ବିଜ୍ଞାନମେଳା ବୁଲାଇବାକୁ ନେଉଥିଲେ । ଅର୍ଜ୍ଜୁନପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେକରକୁ ସାଇଡ ଦେବା ବେଳେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାକଡ ନୟନଯୋରି ଏବଂ ଏହା ସଂଲଗ୍ନ ଧାନଜମିକୁ ଓଲଟି ପଡିଥିଲା । ଅଧିକାଂଶ ପିଲା ଟ୍ରକ ଡାଲା ବାଲି ତଳେ ଚାପି ହୋଇ ରହିଯାଇଥିଲେ। ନିକଟ ବିଲରେ କାମ କରୁଥିବା ଚାଷୀ, ସ୍ଥାନୀୟ ବ୍ୟବସାୟୀ ଧାଇଁ ଆସି ବାଲି ଟ୍ରକ ତଳୁ ପିଲାଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଏବଂ ଖଇରା ପୋଲିସକୁ ଖବର ଦେଇଥିଲେ । ହେଲେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୮ଜଣ ଶିଶୁଙ୍କ ଜୀବନଦୀପ ଲିଭିଯାଇଥିଲା। ଏଭଳି ଦୁର୍ଘଟଣା ଖବର ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା । ଏହା ମଧ୍ୟରେ ୨୧ବର୍ଷ ବିତିଗଲାଣି। ଏଭଳି ଦୁଃଖ ଓ ଛାତିଥରା କାହାଣୀକୁ ମୃତ ପିଲାଙ୍କ ପରିବାର ଓ ଅଞ୍ଚଳବାସୀ ଏଯାଏ ଭୁଲି ପାରିନାହାନ୍ତି। ପ୍ରତିବର୍ଷ ଅଞ୍ଚଳବାସୀ ସେହି ସ୍ମୃତିକୁ ମନେପକାଇ ଝୁରି ହେଉଛନ୍ତି। ଗଡ଼ପୋଖରୀ ସ୍କୁଲରେ ୨ ପିଲାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ନିର୍ମାଣ କରି ୧୭ତାରିଖରେ ସ୍ମୃତିଚାରଣ କରାଯାଉଛି।


ଗଡପୋଖରୀ ଏମ୍‌ଇ ସ୍କୁଲ ପରିସରରେ ୨ ଛାତ୍ରଙ୍କ ପ୍ରତିମୂର୍ତ୍ତି।

### ଏମାନେ କହନ୍ତି ...

"ସେଦିନ ସକାଳୁ ଟ୍ୟୁଶନରୁ ଫେରି ମେଳା ଦେଖିବାକୁ ଯିବ ବୋଲି ପୁଅ କହିଥିଲା। ବାପା ଘରେ ନ ଥିବାରୁ ସେ ତାଙ୍କୁ ବାରଣ କରିଥିଲେ। ହେଲେ ସେ ପିଉସୀଙ୍କ ପାଖରୁ ୨ଟଙ୍କା ନେଇ ଲୁଚି ପଳାଇଥିଲା। ୩ଝିଅ ପରେ ଜନ୍ମିତ ଏହି ପୁଅ ବାଲି ଟ୍ରକ ତଳେ ଚାପି ହୋଇ ମୃତ୍ୟୁମୁଖରେ ପଡିବା ଦୁଃଖ ବଞ୍ଚିଥିବା ଯାଏ ଭୁଲି ହେବନାହିଁ।

**–ନିରୁପମା ମହାନ୍ତି, ମୃତ ବିନ୍ଦୁସାଗରଙ୍କ ମା'**

"ସେତେବେଳେ ଧାନକଟା ଚାଲିଥାଏ। ବିଦ୍ୟାଳୟ ଶିକ୍ଷକଙ୍କ ପରାମର୍ଶକ୍ରମେ ଝିଅମାନଙ୍କୁ ଏକ ଟ୍ରେକରରେ ପଠାଇ ଦିଆଯାଇଥିଲା । ବିଜ୍ଞାନମେଳା ସମୟ ହୋଇ ଆସୁଥିବାରୁ ପିଲାମାନଙ୍କର ବ୍ୟସ୍ତତା ଦେଖି ଦାୟିତ୍ୱରେ ଥିବା ଶିକ୍ଷକ ସେମାନଙ୍କୁ ବାଲି ଗାଡି ଉପରେ ବସାଇଥିଲେ। ଗାଡି ଢଳି ଢଳି ତଳକୁ ଓଲଟିବା ପର୍ଯ୍ୟନ୍ତ ତାଙ୍କର ମନେ ଅଛି। ତା'ପରେ ଚେତା ଫେରିବା ବେଳକୁ ସେ କଟକ ବଡ ମେଡିକାଲରେ ଥିଲେ। ଏହି ଦୁର୍ଘଟଣାରେ ହରାଇଥିବା ସାଥୀଙ୍କ ସ୍ମୃତି ଅପସୋରା ହୋଇ ରହିଛି।

**–ଶୁଭେନ୍ଦୁ ଶେଖର ମହାନ୍ତି, ଆହତ ଛାତ୍ର**

"ଟ୍ରେକରକୁ ସାଇଡ ଦେବା ବେଳେ ଭାରସାମ୍ୟ ହରାଇ ଟ୍ରକ ଓଲଟି ପଡିଥିଲା। ରାସ୍ତା ଦୁରବସ୍ଥା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା। ୬ଦିନ ଜେଲରେ ରହି ଫେରିଛି। ସେହିଦିନଠାରୁ ଡ୍ରାଇଭିଂ ଛାଡିଦେଇଛି।

**–ଶରତ ବେହେରା, ଦୁର୍ଘଟଣାଗ୍ରସ୍ତ ଟ୍ରକ ଡ୍ରାଇଭର**

"ମୋ ପୁଅ ସେ ବର୍ଷ ସ୍କୁଲ ଏବଂ ବ୍ଲକରେ ସବୁଥିରେ ପ୍ରଥମ ହୋଇଥିଲା। ବିଜ୍ଞାନମେଳାରୁ ପୁରସ୍କାର ଆଣିବା ପାଇଁ ତାର ଆଗ୍ରହ ଦେଖି ତାକୁ ସାଇକେଲରେ ବସାଇ ଖଇରା ବିଜ୍ଞାନ ମେଳାକୁ ନେଉଥିଲି। ଦୁର୍ଘଟଣା ଘଟିଥିବା ସ୍ଥାନରେ ପିଲାଟି ସେ ସାଇକେଲରୁ ଓହ୍ଲାଇ ପରିସ୍ରା କରିବାକୁ ଯାଇଥିବା ବେଳେ ଟ୍ରକଟି ତା ଉପରେ ମାଡି ଯାଇଥିଲା। ସେହି ମୁହୂର୍ତ୍ତର କରୁଣ ଦୃଶ୍ୟ ଆଜିବି ଆଖିରୁ ଲୁହ ଭରିଦିଏ।

**–ନିରଞ୍ଜନ ଦାସ, ମୃତ ଶୁଭାଶିଷଙ୍କ ପିତା**

### ଜାତୀୟ ଆଇନସେବା ଦିବସ

# ସ୍ଥାୟୀ ଲୋକ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ

**ବାଲେଶ୍ୱର ଅଫିସ,୧୬।୧୧**

ବାଲେଶ୍ୱର ସଦର ବ୍ଲକ ଗୁଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଅଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରି ଜନତାଙ୍କୁ ସମ୍ବୋଧନ କରିବା ସହ ବାର୍ଦ୍ଧକ୍ୟଭତ୍ତା, ଇନ୍ଦିରା ଆବାସ, ଏଲ୍‌ପିଜି ଗ୍ୟାସ୍ ସଂଯୋଗ ଆଦିରୁ ବଞ୍ଚିତ ହିତାଧିକାରୀଙ୍କୁ ଜିଲା ସ୍ଥାୟୀ ଲୋକ ଅଦାଲତର ଆଶ୍ରୟ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଜାତୀୟ ଆଇନସେବା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଗରିବ, ନିଃସହାୟ ଲୋକଙ୍କ ପାଇଁ ଜିଲା ଆଇନସେବା ପ୍ରାଧିକରଣ କିଭଳି ଭାବରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ସଦର ବ୍ଲକ ସିଡ଼ିପିଓ ଶକୁନ୍ତଳା ସେଠୀ, ଜିଲା ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଲୟର ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ପାରାଲିଗାଲ ସ୍ୱେଚ୍ଛାସେବୀ ସୁରେଶ ଭୋଳ, ଅସିତ୍ କୁମାର ପ୍ରଧାନ ଯୋଗଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଆ ଭାଷା ସାହିତ୍ୟ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର

**ଖଇରା,୧୬।୧୧(ଡି.ଏନ.ଏ.):** ଓଡିଆ ଭାଷା ସାହିତ୍ୟ ବିଭାଗ ଓ ଗବେଷଣା ପରିଷଦ ଆନୁକୂଲ୍ୟରେ ଖଇରା ମହାବିଦ୍ୟାଳୟ ପରିସରରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ ପ୍ରମୋଦ କୁମାର ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରସିଦ୍ଧ ଔପନ୍ୟାସିକ ଗୋପୀନାଥ ମହାନ୍ତି ନିଜର ଉପନ୍ୟାସ ବରଜୁ, ଖଜୁରୀ ଗଛ, ଦାନାପାଣି, ଅମୃତର ମନ୍ଥନରେ ଆଦିବାସୀ, ଜଙ୍ଗଲରେ ଚଳୁଥିବା ମଣିଷ ମାନଙ୍କର ଚରିତ୍ର କିଭଳି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟର ପ୍ରଧାପକ ଡ ମନ୍ମଥ କୁମାର ପ୍ରଧାନଧି, ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ ଲୋକସାହିତ୍ୟ ଉପରେ ଉପସ୍ଥାପନା କରିଥିଲେ। ପ୍ରଧାପକ ନିରଞ୍ଜନ ପଣ୍ଡା ବେଦପାଠ, ଡ ଲକ୍ଷ୍ମଣ ଶତପଥୀ ପ୍ରାସଙ୍ଗିକ ଅଭିଭାଷଣ, ପ୍ରଧାପକ ଡ ଶୈଳେନ୍ଦ୍ର କୁମାର ଲେଙ୍କା ଅତିଥି ପରିଚୟ ଏବଂ ଅଧ୍ୟାପିକା ଡ ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ସୋର, ୧୬।୧୧(ଡି.ଏନ.ଏ.):** ସୋର ବଡ଼ଖୁରୀ ଗ୍ରାମରେ ରାଜେଶ କୁମାର ଧଡ଼ା(୩୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ତେନ୍ତୁଳିଆ ପଡ଼ାରେ। ସେ ବଡ଼ଖୁରୀ ଗ୍ରାମରେ ପରିବାର ସହ ଘର ଭଡ଼ା ନେଇ ରହୁଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଶବ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮୯/୧୯) ରୁଜୁ କରିଛି।

ଟୁଇଙ୍କିଲ ଷ୍ଟାର ଫୁଟବଲ ଟୁର୍ନାମେଣ୍ଟ

### ତରମାକାନ୍ତ ଚାମ୍ପିୟନ



**କେନ୍ଦୁଝର,୧୬।୧୧(ସ୍ୱ.ପ୍ର.)-** ବାଂଶପାଳ ବ୍ଲକ କାଦମ୍ବିନୀପୁର ଟୁଇଙ୍କିଲ ଷ୍ଟାର ଯୁବକସଂଘ ପକ୍ଷରୁ ତୃତୀୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪୫ଟି ଦଳ ଅଂଶଗ୍ରହଣ କରିଥିଲେ।ଫାଇନାଲ ମ୍ୟାଚ ଏମଟି ସ୍ପୋର୍ଟିଂ ତରମାକାନ୍ତ ଏବଂ ରନର୍ସ ଟିମ ରାଜାଫୁଟବଲ ମଧ୍ୟରେ ହୋଇଥିଲା। ୧୫ ମିନିଟ ରୋମାଞ୍ଚକ ଖେଳରେ ଏମଟି ସ୍ପୋର୍ଟିଂ ତରମାକାନ୍ତ ରାଜାଫୁଟବଲ ଟିମକୁ ୧-୦ଗୋଲଦେଇ ବିଜୟୀ ହୋଇଥିଲା। କ୍ଲବର ସଭାପତି ଜଗନ୍ନାଥ ଗିରି, ସମ୍ପାଦକ ରାଜୁ ଗିରି ବିଜୟୀ ଦଳକୁ ବଡ଼ଖାସି ପ୍ରଦାନ କରିଥିଲେ। ଏହି ଫାଇନାଲ ମ୍ୟାଚ କୁ ସୁବାଷ ବେହେରା, ପ୍ରଫୁଲ୍ଲ ବେହେରା, ଜଗନ୍ନାଥ ଦେହୁରୀ, ରାଜୁଗିରି ପରିଚାଳନା କରିଥିଲେ। ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ଜନସମାଗମ ହୋଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

**ରାଇସୁଆଁ, ୧୬।୧୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବନାଯୋଡି ଆନନ୍ଦାଶ୍ରମଠାରେ ଆଇଡିଆଲ ଡେଭଲପମେଣ୍ଟ ଏଜେନ୍ସି ସହଯୋଗରେ ଏବଂ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର ଆନୁକୂଲ୍ୟରେ ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ୫୨ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୦ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିବା ସକାଶେ ଚିହ୍ନଟ କରାଯାଇଥିଲା। ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର ର ମ୍ୟାନେଜର ଅମିୟ କୁମାର ପାତ୍ର, ବିନୋଦିନୀ ପୃଷ୍ଟି,ଡାକ୍ତର ଚନ୍ତାମଣି ପୃଷ୍ଟି,ଚକ୍ଷୁ ସହାୟକ କୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୫୦ ଜଣ ବୃଦ୍ଧାବୃଦ୍ଧଙ୍କୁ ନୂଆ ବସ୍ତ୍ର ବଣ୍ଟନ କରାଯାଇଥିଲା।

# ପ୍ରଶାସନ ଓ ଗଣମାଧ୍ୟମ ଗୋଟିଏ ଟିମ୍ ଭଳି କାମ କରିବା ଉଚିତ୍



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର ଅଫିସ, ୧୬।୧୧**

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହରେ ଶନିବାର ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକମାନଙ୍କୁ ଠିକ୍ ସୂଚନା ପ୍ରଦାନ ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏଣୁ ପ୍ରଶାସନ ଓ ଗଣମାଧ୍ୟମ ଗୋଟିଏ ଟିମ୍ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି ଜିଲାପାଳ କହିଛନ୍ତି।

ଜିଲାପାଳଙ୍କ ସଭାପତିତ୍ୱରେ ଆୟୋଜିତ 'ସମ୍ବାଦ ପ୍ରତିବେଦନା–ଏକ ଯାତ୍ରା' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ପ୍ରମୁଖ ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ସତ୍ୟପ୍ରିୟ ମହାନ୍ତି, ଶିବଦାସ କୁଣ୍ଡୁ, ଅଭୟ ଦାସ ପ୍ରମୁଖ ସମ୍ବାଦ ପ୍ରତିବେଦନାର ବିଭିନ୍ନ ଦିଗ, ଖବରଦାତାମାନଙ୍କର ପେସାଦାର କାର୍ଯ୍ୟଶୈଳୀ ଓ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ମତ ଦେଇଥିଲେ। ଖବରଦାତା ସର୍ବେଶ୍ୱର ଦାସ ନିଜସ୍ୱ କବିତାପାଠ କରିଥିଲେ। ପ୍ରେସ୍ ଦିବସ କାର୍ଯ୍ୟକ୍ରମକୁ ଜିଲାପାଳଙ୍କ ଆମନ୍ତ୍ରଣକ୍ରମେ ବାଲେଶ୍ୱର ଜିଲାର ବୟୋଜ୍ୟେଷ୍ଠ ଖବରଦାତା ଚିତ୍ତରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଗତ ୩୦ବର୍ଷ ଧରି ଜାମୁଝାଡ଼ି ବସ୍‌ଷ୍ଟାଣ୍ଡରେ ଖବରକାଗଜ ବିକ୍ରି କରି ଆସୁଥିବା ସୋର ଥାନା ତଳନଗର ଗ୍ରାମର ମହିଳା ରମ୍ଭାମଣି ନାୟକଙ୍କୁ ଜିଲାପାଳ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ଜାତୀୟ ପ୍ରେସ ଦିବସ ପାଳନର ଆଭିମୁଖ୍ୟ ଏବଂ ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସୂଚନା ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ପ୍ରେସ୍ ଦିବସ

**ବସ୍ତା,୧୬।୧୧(ସ୍ୱ.ପ୍ର.)**

ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ୪ଟି ସ୍ତମ୍ଭର ଯଥେଷ୍ଟ ଗୁରୁତ୍ୱ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ସ୍ତମ୍ଭକୁ ସରକାର ଯେଭଳି ଗୁରୁତ୍ୱ ଦେଉଛନ୍ତି ଗଣମାଧ୍ୟମ ଭଳି ୪ର୍ଥ ସ୍ତମ୍ଭକୁ ସରକାର ସେହିଭଳି ପ୍ରାଧାନ୍ୟ ଦେବାକୁ ଶନିବାର ବସ୍ତା ପ୍ରେସ କ୍ଲବ ଆନୁକୂଲ୍ୟରେ ପାଳିତ ଜାତୀୟ ପ୍ରେସ ଦିବସ ସଭାରେ ମତପ୍ରକାଶ ପାଇଛି। ପ୍ରେସ କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସଞ୍ଜୟ କୁମାର ସାମଲ, ଉପସଭାପତି ପୃଥନାଥ ମଣ୍ଡଳ, ପ୍ରସନ୍ନ କୁମାର ପାତ୍ର, ସହ ସମ୍ପାଦକ ବିଷ୍ଣୁପଦ ପତି, କୋଷାଧକ୍ଷ ଦୀପକ କୁମାର ପରିଡା, କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ହରିଶଙ୍କର ପାଢ଼ୀ, ତ୍ରିଲୋଚନ ରାଉତ, ଦେବାଶିଷ ସେଠୀ, ସୁରେନ୍ଦ୍ର କୁମାର ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଳେଶ୍ୱର,(ଡି.ଏନ.ଏ.)–**ଜାତୀୟ ପ୍ରେସ ଦିବସ ଜଳେଶ୍ୱର ପୌରାଞ୍ଚଳର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ବିଷ୍ଣୁପଦ ମହାନ୍ତି ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ଡ. ରମାକାନ୍ତ ଭଞ୍ଜ, ସମାଜ ସେବୀ ଅରୁଣ ବେଜ, ସୁନୀଲ ଗିରି ପ୍ରମୁଖ ଖବରଦାତାଙ୍କ ସମସ୍ୟା ବିଷୟରେ ବକ୍ତବ୍ୟ ଦେଇଥିଲେ। ପୂର୍ବତନ ଅଧକ୍ଷ ଜିତାରାମ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣମାଧ୍ୟମର ସୁରକ୍ଷା ଜରୁରୀ

**ରୂପ୍‌ସା, ୧୬।୧୧(ଡି.ଏନ.ଏ.)**

ଗଣମାଧ୍ୟମର ସୁରକ୍ଷା ପ୍ରତି ସର୍ବଦା ଦୃଷ୍ଟି ଦିଆଯିବା ଉଚିତ୍ ବୋଲି ବାଲେଶ୍ୱର ଜିଲା ବସ୍ତା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଶନିବାର ଆୟୋଜିତ ଜାତୀୟ ପ୍ରେସ ଦିବସରେ ମତପ୍ରକାଶ ପାଇଛି। କ୍ଲବ ସଭାପତି ବାଞ୍ଛାନିଧି ଦେ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ବ୍ରଜମୋହନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରେସ କ୍ଲବ କର୍ମକର୍ତ୍ତା ଶିରୀଶ ଚନ୍ଦ୍ର ମହାନ୍ତି, ହରିଶଙ୍କର ପାଣି, ରଞ୍ଜନ କୁମାର ବେହେରା, ଦୀନବନ୍ଧୁ ପ୍ରଧାନ, ଅଜିତ କୁମାର ସାହୁ, ଉମାକାନ୍ତ ମହାନ୍ତି, ମନୀଷ ରାଇମଗିଆ ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ସର୍ବଦା ନିରପେକ୍ଷ ଖବର ପରିବେଷଣ ଦିଗରେ ଗୁରୁତ୍ୱାରୋପ କରିଥିଲେ।




# ରାଜ୍ୟପାଳଙ୍କୁ ଭେଟିଲେ ବିଏନ୍ ହାଇସ୍କୁଲ ପ୍ଲାଟିନମ କମିଟି

**ଘସିପୁରା, ୧୬।୧୧(ଡି.ଏନ.ଏ.)**

ଆନନ୍ଦପୁର ବିଏନ୍ ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ପାଇଁ ଆସନ୍ତା ଜାନୁୟାରି ୩୧ ତାରିଖରୁ ଫେବୃୟାରି ୨ ତାରିଖ ଦିନ ଧାର୍ଯ୍ୟ ହୋଇଛି। ଏନେଇ କମିଟି କର୍ମକର୍ତ୍ତା ଶୁକ୍ରବାର ଭୁବନେଶ୍ୱର ରାଜଭବନ ଠାରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲଙ୍କୁ ଭେଟିଛନ୍ତି। କମିଟି କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହି ସ୍କୁଲର ଐତିହ୍ୟ ଓ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିବା ସହ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ କରିଛନ୍ତି। ପ୍ଲାଟିନମ ଜୁବ୍‌ଲି କମିଟି ମୁଖ୍ୟ ପୁରଧା ନିରଞ୍ଜନ ପଟ୍ଟନାୟକ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, କମିଟି ସଭାପତି ଶ୍ରୀଧର ବେହେରା, ସାଧାରଣ ସମ୍ପାଦକ ମହେଶ୍ୱର ସାହୁ, ଉପସଭାପତି ସୁରେଶ ସାହୁ, ସୁଶିଲ କୁମାର ହୋତା, ଦୁର୍ଗାଚରଣ ଦଳେ. ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ ପ୍ରମୁଖ ରାଜ୍ୟପାଳଙ୍କୁ ଭେଟିଥିଲେ।


ବିଏନ୍ ହାଇସ୍କୁଲର କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଭେଟିଛନ୍ତି।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୂର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଯୋଡ଼ା, ୧୬।୧୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଅଁଶେଇକଳା ଗ୍ରାମର ଲବ ମହାକୁଡ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ ଜଣାପଡିଛି ଯେ, ମୃତ ଲବ ମହାକୁଡ ଗୁରୁବାର ସନ୍ଧ୍ୟାରେ ଝାଡଖଣ୍ଡ ରାଜ୍ୟର ସିଆଳିଯୋଡା ରାମପୁର ଅଞ୍ଚଳର ନିଜ ଭଉଣୀ ଘରକୁ ଯାଉଥିବା ବେଳେ ଅଁସେଇକଳା-ପୁରୁଷୋତ୍ତମପୁର ରାସ୍ତାରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଏକ ଜାମୁ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଲବ ମହାକୁଡ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ । ଏନେଇ ଯୋଡା ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବଡବିଲ, ୧୬।୧୧(ସ୍ୱ.ପ୍ର.)- ବଡବିଲ ପ୍ରେସ କ୍ଲବ ଓ ରିଜନାଲ ମିଡିଆ ଫୋରମ ତରଫରୁ ଜାତୀୟ ପ୍ରେସ ଦିବସ ପୃଥକ ପୃଥକ ଭାବେ ପାଳନ କରାଯାଇଛି। ବଡବିଲ ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡଃ ତୁଳସୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ଓଡିଆ ବିଭାଗ ଅଧ୍ୟାପକ କୈଳାଶ ଚନ୍ଦ୍ର ସାହାଣୀ ଓ ସମ୍ମାନିତ ଅତିଥି ଭାବେ ଆଦିବାସୀ ବିକାଶ ସମିତି ସଭାପତି ଦମୟନ୍ତୀ ସାମଲ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। କ୍ଲବର ସଭାପତି ସୁବୋଧ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ଶାନ୍ତନୁ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ସଭାପରେ କ୍ଲବ ତରଫରୁ ବରିଷ୍ଠ ଖବରକାଗଜ ବିତରକ ଯଦୁମଣି ମହାନ୍ତ ଓ ବିଦ୍ୟୁଭୂଷଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ଥାନୀୟ ଅଞ୍ଚଳରୁ ରାଜ୍ୟ ଓ ଝାଡଖଣ୍ଡ ରାଜ୍ୟ ଲାଗି ମହିଳା ବର୍ଗ ପାଇଁ କ୍ରିକେଟ ଖେଳିଥିବା ପିଙ୍କି ତିର୍କୀ, ଅଞ୍ଜଳି ଦାସ, ରାନୀ ପ୍ରସାଦ ଓ ପୂଜା ବାନ୍ଦ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଖବରଦାତା ବଳରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ଖବରଦାତା ଓ ଅଧିବାସୀମାନଙ୍କ ମଧ୍ୟରେ ସମନ୍ୱୟରେ କିଭଳି ଅଞ୍ଚଳର ବିକାଶରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇପାରିବ ସେ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ରିଜନାଲ ମେଡିଆ ଫୋରମ ତରଫରୁ ସ୍ଥାନୀୟ ବିକାଶ ମହଲ ସଭାଗୃହରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଯୋଗଦେଇଥିଲେ।

### ହାତୀଙ୍କ ଚଲାପଥ ଅସୁରକ୍ଷିତ

କେନ୍ଦୁଝର, ୧୬।୧୧ (ସ୍ୱ.ପ୍ର.)- କେନ୍ଦୁଝର ଜିଲାରେ ହାତୀପଲ ବିଭିନ୍ନ ସମୟରେ ବାଟବଣା ହୋଇ ଜଙ୍ଗଲତଳି ଇଲାକାରେ ପଶି ଉପଦ୍ରବ କରୁଛନ୍ତି। ଜଙ୍ଗଲକ୍ଷୟ ଭଳି କାରଣରୁ ହାତୀଙ୍କ ପାରମ୍ପରିକ ଚଲାପଥ ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳି ସ୍ଥଳରେ ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳରେ ୨୦ ଓ ୪୯ ନମ୍ବର ଓ ଜାତୀୟ ରାଜପଥ କଡରେ ପେଟ୍ରୋଲ ପମ୍ପ ରହିବା ଏବଂ ଖଣିଜ ପରିବହନ କରୁଥିବା ଭାରିଯାନ ଅଟକି ରହୁଥିବାରୁ ହାତୀପଲ ଇତଃସ୍ତତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ହାତୀ ଓ ଅନ୍ୟ ଜୀବଜନ୍ତୁ ବିଭିନ୍ନ ସମୟରେ କେତେକ ସ୍ଥାନରେ ଜାତୀୟ ରାଜପଥ ପାର ହେଉଥିବାରୁ ଅଣ୍ଡରପାସ ନିର୍ମାଣ କରାଯିବାକୁ ଦାବି ହେଉଥିଲେ ମଧ ଏହାକୁ ଅଣଦେଖା କରାଯାଉଛି । ସେହିପରି ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳରେ ପେଟ୍ରୋଲ ପମ୍ପ ଖୋଲିବାକୁ ସାମାଜିକ କର୍ମୀଙ୍କ ସମେତ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ଏ ସମ୍ପର୍କରେ ସଦର ଉପଜିଲାପାଳ ସଦର ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ କହିଛନ୍ତି, କୌଣସି ସ୍ଥାନରେ ପେଟ୍ରୋଲ ପମ୍ପ ନିର୍ମାଣକୁ ନେଇ କୌଣସି ପ୍ରତିବାଦ ବା ଅଭିଯୋଗ ହେଲେ ଏ ଦିଗରେ ପଦକ୍ଷେପ ନିଆଯିବ । ଘଟଗାଁ ରେଞ୍ଜ ଅଧିକାରୀ ଅଶୋକ ନାୟକ କହିଛନ୍ତି, ବନ୍ୟପ୍ରାଣୀଙ୍କ ଯାତାୟାତ ପାଇଁ ଏଠାରେ ଅଣ୍ଡରପାସ ନିର୍ମାଣ ହୋଇଥିଲେ ବି କିଛି ଦୂରରେ ପେଟ୍ରୋଲ ପମ୍ପ ଥିବାରୁ ସମସ୍ୟା ହେଉଥିବା ଅଭିଯୋଗ ହେଉଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ପ୍ରଧାନ ଶିକ୍ଷକ ଗିରଫ

ଯୋଡ଼ା, ୧୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ତଥା ଯୋଡା ବ୍ଲକ ଅଧୀନ ବେଲଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ମଧ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି ।

ପୋଲିସ ସୂଚନା ଅନୁଯାୟୀ ଗତ ବୁଧବାର ଯୋଡା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲ୍ୟୁଇଓ) ପରିଦର୍ଶନକୁ ଯାଇଥିବା ବେଳେ ଅଭିଯୁକ୍ତ ପ୍ରଧାନଶିକ୍ଷକ ବାଣେଶ୍ୱର ପାତ୍ର ଛାତ୍ରୀନିବାସର ୨ ଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଛାତ୍ରୀମାନେ ଏ ନେଇ ଡବ୍ଲ୍ୟୁଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର ରୋଷେୟାଙ୍କୁ ତଦନ୍ତ ପାଇଁ ଯୋଡା ବ୍ଲକକୁ ଡକାଇଥିଲେ। ଏହି ଘଟଣାରେ କ୍ଷୁବ୍ଧ ହୋଇ ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କୁ କୁଆଡ଼େ ଧମକଚମକ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ୧୫ ଜଣ ଛାତ୍ରୀ ଭୟରେ ଛାତ୍ରୀନିବାସ ଛାଡି ନିକଟସ୍ଥ ବେଲଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ଆଶ୍ରୟ ନେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଏ ସମ୍ପର୍କରେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଖବର ଦେବା ସହିତ ବାମେବାରୀ ପୋଲିସକୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ପାଇବା ପରେ ବାମେବାରୀ ପୋଲିସ ଶୁକ୍ରବାର ଦଫା ୩୫୪(ଏ), ୫୦୬ ଆଇପିସି, ୧୦, ୧୨ ପୋକ୍ସୋ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୫୭/୨୦୧୯) ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରିଥିବା ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳର ଅଭିଭାବକ ମହଲରେ ଆଲୋଡନ ସୃଷ୍ଟି ହୋଇଛି । ଯୋଡା ବ୍ଲକ ପକ୍ଷରୁ ଶୁକ୍ରବାର ସମ୍ପୃକ୍ତ ପ୍ରଧାନଶିକ୍ଷକ ପାତ୍ରଙ୍କୁ ନିଲମ୍ବନ କରାଯାଇ ବେଲଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଚିଠି (ନଂ ୧୭୩୫. ତା ୧୫।୧୧।୨୦୧୯) ରିଖରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଥିସହ ତାଙ୍କୁ ଛାତ୍ରୀନିବାସର ଦାୟିତ୍ୱ ମଧ ପ୍ରଦାନ କରାଯାଇଛି। ଏହାମଧ୍ୟରେ ଯୋଡା ଥାନାର ମହିଳା ସବଇନ୍ସପେକ୍ଟର ସାଗରିକା ମହାନ୍ତି ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରି ଛାତ୍ରୀମାନଙ୍କ ବୟାନ ରେକର୍ଡ କରିଛନ୍ତି। ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ମଧ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛନ୍ତି। ଘଟଣା ଦିନ ଛାତ୍ରୀନିବାସରେ ପ୍ରଧାନଶିକ୍ଷକ, ଜଣେ କର୍ମଚାରୀ ଓ ୨ଜଣ ସ୍ଥାନୀୟ ଲୋକ ଏକାଠି ହୋଇ କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଛାତ୍ରୀମାନେ ସେମାନଙ୍କ ଅଭିଯୋଗରେ ଦର୍ଶାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଯୋଡା ବ୍ଲକର ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଚମ୍ପୁଆ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ କହିଛନ୍ତି, ଛାତ୍ରୀମାନଙ୍କଠାରୁ ଏନେଇ ଲିଖିତ ଅଭିଯୋଗ ମିଳିବା ପରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି। ବିଦ୍ୟାଳୟର ଛାତ୍ରୀନିବାସରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପ୍ରାୟ ୩୮ ଜଣ ଛାତ୍ରୀ ରହୁଥିବାବେଳେ ସେଠାରେ ପୁରୁଷ କର୍ମଚାରୀ ନିଯୁକ୍ତି ଦିଆଯିବା ନେଇ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।



ଅଭିଯୁକ୍ତ ପ୍ରଧାନଶିକ୍ଷକ ।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)

ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡପଟା ଛକ ନିକଟରେ ଏକ ବାଇକ ପଛରେ ପିକ୍ ଅପ ଭ୍ୟାନ ଧକ୍କା ଦେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜକିଶୋର ନାଏକ(୪୨)। ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ଭ୍ୟାନଟି ବାଇକ ପଛରେ ଧକ୍କା ଦେଇଥିଲା। ଗାଡ଼ିଟି ଦୈତାରୀ ଅଭିମୁଖେ ଯାଉଥିବା ବେଳେ ଶଗଡପଟା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଭ୍ୟାନ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ବାନ୍ଧି ପକାଇଥିଲେ। ରାଜକିଶୋରଙ୍କୁ ଗୁରୁତର ଅବସ୍ଥାରେ ଏକ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଆରମ୍ଭ ପୂର୍ବରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିକ୍ଅପଟି ଯଶିପୁର ଅଞ୍ଚଳର ବୋଲି ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଗାଡିଗୁଡିକୁ ଜବତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଡ୍ରାଇଭରଙ୍କୁ ପୋଲିସ ହେପାଜତରେ ନେଇଛନ୍ତି।

## ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଯୋଗୁ ଅନାସ୍ଥା ଭୋଟ୍ ସ୍ଥଗିତ

କେନ୍ଦୁଝର, ୧୬।୧୧(ଡି.ଏନ୍.ଏ.)

ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଯୋଗୁ ଜନାର୍ଦ୍ଦନପୁର ପଞ୍ଚାୟତର ଅନାସ୍ଥା ଭୋଟ୍ ହୋଇପାରି ନ ଥିବା ଜଣାପଡିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ଏହି ଅନାସ୍ଥା ଭୋଟ ସ୍ଥଗିତ ରହିଥିବାବେଳେ ଏହାକୁ ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା ଜଣାପଡିଛି। ଜନାର୍ଦ୍ଦନପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ନାଏବ ସରପଞ୍ଚ ଓ ୯ଜଣ ୱାର୍ଡମେମ୍ବରଙ୍କୁ ମିଶାଇ ୧୦ଜଣ ଅନାସ୍ଥାପ୍ରସ୍ତାବ ଆଗତ କରିଥିଲେ। ଏହାକୁ ଭିତ୍ତି କରି କେନ୍ଦୁଝର ଉପଜିଲାପାଳ ନଭେମ୍ବର ୧୬ ତାରିଖରେ ଅନାସ୍ଥା ଭୋଟ ପାଇଁ ସ୍ୱତନ୍ତ୍ର ବୈଠକ ଆହୁତ କରିଥିଲେ। ଅନାସ୍ଥା ପାଇଁ ସଦର ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜନାର୍ଦ୍ଦନପୁର ସରପଞ୍ଚ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ରିଟ୍ ପିଟିସନ୍ ସଂଖ୍ୟା ୨୧୨୬୪/୨୦୧୯ ଦାଖଲ କରିଥିଲେ। ଏହି ମାମଲାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଅନାସ୍ଥା ଭୋଟ ଗ୍ରହଣ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଫଳରେ ଏହି ଅନାସ୍ଥା ଭୋଟକୁ ଡିସେମ୍ବର ୧୭ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା ଜଣାପଡିଛି।

## ଇ-ରୋଗ ପୋକ ସର୍ବେକ୍ଷଣ ପ୍ରଶିକ୍ଷଣ

ଚମ୍ପୁଆ ୧୬।୧୧(ଡି.ଏନ.ଏ)

ଚମ୍ପୁଆ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଆତ୍ମା ଆନୁକୂଲ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ୨୦୧୯-୨୦ରେ କୃଷି ଜିଲା ସ୍ତରୀୟ ଇ-ରୋଗ ପୋକ ସର୍ବେକ୍ଷଣ ଓ ରୋଗ ପୋକ ପରିଚାଳନା ସମ୍ବନ୍ଧରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘଟଗାଁ ଶସ୍ୟ ସଂରକ୍ଷଣ ଅଧିକାରୀ ମିହିର କୁମାର ସାହୁ, ଜିଲା କୃଷି ଅଧିକାରୀ ଗଜେନ୍ଦ୍ର ଗୋଛାୟତ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ଚମ୍ପୁଆ ଅବିନାଶ ବେହେରା, ଯୋଡା ରଘୁନାଥ ପତି, ଝୁମ୍ପୁରା ରତିକାନ୍ତ ମହାନ୍ତି ଓ ବାମେବାରୀ ପ୍ରଫୁଲ୍ଲ ପ୍ରଧାନ ସହିତ ଯୋଡା, ଚମ୍ପୁଆ ଓ ଝୁମ୍ପୁରାର ସମସ୍ତ ଭିଏଡବ୍ଲ୍ୟୁମାନେ ଯୋଗ ଦେଇଥିଲେ। ଏହାକୁ ସହକାରୀ କୃଷି ଅଧିକାରୀ ଅଙ୍କିତା ରୁପ୍ ପରିଚାଳନା କରିଥିଲେ।

## ଆଜିର ଶିଶୁ କାଲିର ଭବିଷ୍ୟତ



ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ଦିଆଯାଉଛି।

ଢେଙ୍କିକୋଟ, ୧୬।୧୧(ଡି.ଏନ୍.ଏ.)

ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁ ଦିବସ ଅବସରରେ ଘଟଗାଁ ବ୍ଲକ ଦୁର୍ଗମ ଅଞ୍ଚଳ ପୁରୁମୁଣ୍ଡା ପଞ୍ଚାୟତ ଗୟଲମୁଣ୍ଡା ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମହାସମାରୋହରେ ପାଳନ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ମାଣ୍ଡୁଆରୀ ମୁଣ୍ଡା ଏବଂ ଜୁଆଙ୍ଗ ଜନଜାତି ଭାଷା ଶିକ୍ଷକ ଫଣିଭୂଷଣ ଜୁଆଙ୍ଗଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଅଧ୍ୟୟନରତ ୨୦ ଛାତ୍ରୀଛାତ୍ର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ଧୂପଦୀପ ପ୍ରଜ୍ୱଳନ କରିଥିଲେ। ଏଥିନିମନ୍ତେ ପଇଦା ପାଟଣା ଗ୍ରାମ ପଞ୍ଚାୟତ ପଇଦା ପାଟଣା ଗ୍ରାମର ଅଗ୍ରଣୀ ମା' ତାରିଣୀ ୟୁଥ୍ କ୍ଲବ ତରଫରୁ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କ୍ଲବର ସଭାପତି ଜଗନ୍ନାଥ ମହାନ୍ତଙ୍କ ସଭାପତିତ୍ୱ କରିଥିବାବେଳେ ସଭା ପରିଚାଳନା କରିଥିଲେ ସଂଗଠନ ସମ୍ପାଦକ ରମାକାନ୍ତ ମହାନ୍ତ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପାଟଣା କ୍ଲବ ସମାଜ ଖବରଦାତା ନୃସିଂହ ନାଥ ସିଂ ମୁଖ୍ୟବକ୍ତା ଭାବେ ଢେଙ୍କିକୋଟ ଧରିତ୍ରୀ ଖବରଦାତା ନୀଳମଣି ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଆଦିବାସୀ ଅଧ୍ୟୁଷିତ ଛାତ୍ରୀଛାତ୍ରମାନଙ୍କୁ କ୍ଲବ ତରଫରୁ ଶୀତବସ୍ତ୍ର ସାଙ୍ଗକୁ ସେମାନଙ୍କ ଉତ୍ତରୋତ୍ତର କାମନା କରି ଶିକ୍ଷା ଉପକରଣ ପ୍ରଦାନ କରିଥିଲେ।

## 'ଅନ୍ତର୍ନିହିତ ପ୍ରତିଭା ବିକାଶ ଲାଗି ସର୍ଗିଫୁଲ ପ୍ରକୃଷ୍ଟ ମାଧ୍ୟମ'

କେନ୍ଦୁଝର, ୧୬।୧୧(ଡି.ଏନ୍.ଏ./ସ୍ୱ.ପ୍ର)



ବିଜ୍ଞାନମେଳାରେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶନ।



ଅତିଥିଙ୍କ ଦ୍ୱାରା ସର୍ଗିଫୁଲ ଉଦ୍‌ଘାଟନ କରାଯାଉଛି।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ, କେନ୍ଦୁଝର ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନିଆ ୧୦ମ ଜିଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା ଶନିବାର ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ପିଲାମାନଙ୍କଠାରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସର୍ଗିଫୁଲ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ । ବିଜ୍ଞାନମେଳାରେ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢୁଛି, ପିଲାମାନଙ୍କ ଦ୍ୱାରା ହେଉଥିବା ଅନେକ ନୂଆ ନୂଆ ପ୍ରକଳ୍ପରେ ପ୍ରତିଭା ଭରି ରହିଛି ଏବଂ ସେହି ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ଶିକ୍ଷକ ସମାଜ ଯତ୍ନନେଲେ ସେମାନେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସନ୍ତୋଷ କୁମାର ନାୟକ ଏଭଳି ଏକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚିତ କରିବା ପାଇଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଧୀରେନ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ସର୍ଗିଫୁଲ ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର କଳାକୌଶଳ ପ୍ରଦର୍ଶନ କରିପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇଟିଡିଏର ସ୍ୱତନ୍ତ୍ର ଅଧିକାରୀ ସଞ୍ଜୁ ଦାସ, ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଉପସ୍ଥିତ ଥିଲେ। ଦୁଇଦିନିଆ ଏହି ଜିଲାସ୍ତରୀୟ ଶିଶୁ ଉତ୍ସବ ସର୍ଗିଫୁଲ ଓ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ତର୍କ, ସୃଜନାତ୍ମକଲେଖା, ସଙ୍ଗୀତ, ଗଣିତ, ବିଜ୍ଞାନ, କୁଇଜ୍, ଏକକ ଅଭିନୟ, ଗ୍ରୁପ ଡ୍ୟାନ୍ସ ଆଦି ବିଭାଗରେ ପ୍ରତିଯୋଗିତା ହୋଇଛି। ଉଚ୍ଚ ବିଦ୍ୟାଳୟ ସ୍ତରରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳକ ବିଭାଗରେ ୧୦ଟି ଦଳ ଏବଂ ବାଳିକା ବିଭାଗରେ ୯ଟି ଦଳ ଭାଗ ନେଇଥିଲେ। ବାଳକ ବିଭାଗର ୨ଟି ଦଳ ଏବଂ ବାଳିକା ବିଭାଗର ୨ଟି ଦଳ ଜୋନାଲସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଭୟ ଜିଲାସ୍ତରୀୟ ସର୍ଗିଫୁଲ ଓ ବିଜ୍ଞାନମେଳା କାର୍ଯ୍ୟକ୍ରମକୁ ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଶତପଥୀ, ଅସନପାଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ସାହୁ, ଭଗାମୁଣ୍ଡା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ସରୋଜ ନନ୍ଦଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆବାସିକ ସେବାଶ୍ରମ ବିଦ୍ୟାଳୟରେ ସଭା

କୋଲିମାଟି,୧୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତରେ ଥିବା ଆବାସିକ ସେବାଶ୍ରମ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଏକ ସଭା ଆୟୋଜିତ ହୋଇଥିଲା। ସେଠାରେ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯାଇଥିଲା । କୋଲିମାଟି ସରପଞ୍ଚ ଉତରା ଧିର, ଓାର୍ଡମେମ୍ବର ନରସିଂହ ନାଏକ, ସ୍କୁଲ କମିଟି ସଭାପତି ରଞ୍ଜିତ ନାଏକ, ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କାନପୁର ଜଳସେଚନ ପ୍ରକଳ୍ପ

# ଥଇଥାନ ଓ କ୍ଷତିପୂରଣ ପ୍ରଦାନ ବିଳମ୍ବିତ

କେନ୍ଦୁଝର, ୧୬।୧୧ (ସ୍ୱ.ପ୍ର.)

ବହୁ ପ୍ରତୀକ୍ଷିତ କାନପୁର ଜଳସେଚନ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ, ଥଇଥାନ ଓ ପୁର୍ନବସତି କାର୍ଯ୍ୟ ସରୁ ନ ଥିବାରୁ ଅସନ୍ତୋଷ ତେଜିବାରେ ପାଇଛି ।ଏ ନେଇ ବିସ୍ଥାପିତମାନେ ଆନ୍ଦୋଳନ ଚଳାଇବାକୁ ପ୍ରସ୍ତୁତି କରୁଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ଗତ ଜୁନ ୨୫ ତାରିଖରେ କାନପୁର ବିସ୍ଥାପିତ କମିଟି ପକ୍ଷରୁ ବିସ୍ଥାପିତଙ୍କୁ ଥଇଥାନ କରିବା ପାଇଁ ୧୬୦୦ ଏକର ଚାଷ ଜମି ଯୋଗାଇ ଦେବାକୁ ଦାବି କରାଯାଇଥିଲା । କେନ୍ଦ୍ର ସରକାରଙ୍କ ବର୍ତ୍ତମାନର ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ଏକର ପ୍ରତି ୩୦ ଲକ୍ଷ ଟଙ୍କା ହିସାବରେ କ୍ଷତିପୂରଣ ଦେବାକୁ ଦାବି କରି ଉତ୍ତରାଞ୍ଚଳ ରାଜସ୍ୱ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ହେଲେ କାନପୁର ନଦୀବନ୍ଧ ପ୍ରକଳ୍ପ ସମସ୍ୟା ତୁଟାବାରେ ଦିନକୁ ଦିନ ବିଳମ୍ବ ହେଉଥିବାରୁ ବିସ୍ଥାପିତଙ୍କ ସମସ୍ୟା ବଢିବାରେ ଲାଗିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବା ବିସ୍ଥାପିତଙ୍କ ଥଇଥାନ ସମସ୍ୟାକୁ ଜଟିଳ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାର ୫ଟି ବ୍ଲକର ପାଖାପାଖି ୨୫୫ ପଞ୍ଚାୟତର ଚାଷ ଜମି ଜଳସେଚିତ ହୋଇପାରିବ । କେନ୍ଦୁଝର ସଦର ମହକୁମାରେ ଥିବା କାନପୁର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟକୁ ସମ୍ପ୍ରତି ବନ୍ଦ କରି ୧୫୦ କି.ମି. ଦୂର ଆନନ୍ଦପୁର ଶାଳପଡାକୁ ସ୍ଥାନାନ୍ତର କରାଯିବା ପରେ କାମରେ ବାଧା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । କାନପୁର ବିସ୍ଥାପିତ କମିଟି ପକ୍ଷରୁ କରାଯାଇଥିବା ଦାବି ପୂରଣ ନ ହେଲେ ବନ୍ଧ ଓ କେନାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଗତ ୫ ତାରିଖରେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ବିସ୍ଥାପନ ଓ ଥଇଥାନ ସମ୍ପର୍କରେ ସମୀକ୍ଷା କରି ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରକଳ୍ପ ପ୍ରଶାସନକୁ କହିଥିଲେ ମଧ୍ୟ ଏହାର ସେଭଳି ପ୍ରଭାବ ପରିଲକ୍ଷିତ ହୋଇ ନାହିଁ ।

# ସୁପ୍ତ ସମାଜକୁ ଜାଗ୍ରତ କରେ ଗଣମାଧ୍ୟମ

ଚମ୍ପୁଆ ୧୬।୧୧(ଡି.ଏନ.ଏ)

ଚମ୍ପୁଆ ଉପଖଣ୍ଡ ସାମ୍ବାଦିକ ପକ୍ଷରୁ ନଗର ଭବନଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି ପ୍ରେସ ଦିବସରେ ମୁଖ୍ୟ ଅତିଥି ଭାବରେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ଚାରୁଲତା ସିଂ, ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଓ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁପ୍ତ ସମାଜକୁ ଜାଗ୍ରତ କରିବାରେ ଗଣମାଧ୍ୟମର ଭୂମିକା ଓ ସ୍ଥାନୀୟ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର କାର୍ଯ୍ୟ, ସମାଜର ଅସହାୟ, ଗରିବ ଓ ଆର୍ଥିକ ଅନଗ୍ରସରମାନଙ୍କ ସମସ୍ୟା ପ୍ରଶାସନ ଆଗରେ ପ୍ରତିପାଦନ କରିବାର ଗଣମାଧ୍ୟମର ଭୂମିକା ବେଶ ରହିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ସରକାରଙ୍କ ପକ୍ଷରୁ ଖବରଦାତାଙ୍କ ପାଇଁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଜୟନ୍ତ ନାଏକ ମତ ରଖିଥିଲେ।



ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ୍ ଦିବସ ପାଳନ କରାଯାଉଛି।

କେନ୍ଦୁଝର, (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଉଦ୍‌ବୋଧନ ଦେଇ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଖବରଦାତାମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ପ୍ରେସ୍ କ୍ଲବ୍‌ର ସଭାପତି ସତ୍ୟନାରାୟଣ ମିଶ୍ର ତଥା ଅନ୍ୟମାନେ ଯୋଗଦେଇ ମତରଖିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜିବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ପ୍ରେସ୍ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି।

ତେଲକୋଇ,(ଡି.ଏନ.ଏ.)

ଚାରିଗଡ ମାହାବିଦ୍ୟାଳୟ ତେଲକୋଇର ସଭାଗୃହରେ ଶନିବାର ତେଲକୋଇ ବ୍ଲକ ପ୍ରେସ କ୍ଲବ ତରଫରୁ ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ଏକ ଅଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏଥିରେ ତେଲକୋଇ ତହସିଲଦାର ଅଶ୍ୱିନୀ କୁମାର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ ବାଡା, ଏ .ଏସ.ଆଇ ଇନ୍ଦ୍ରମଣୀ ଶତପଥୀ, ପ୍ରଶାସନିକ ଅଧିକାରୀଙ୍କ ସହିତ ସ୍ଥାନୀୟ ସାମାଜିକ ସଂଗଠନର କର୍ମକର୍ତ୍ତା ତଥା ବୁଦ୍ଧିଜୀବୀ ବାବୁଲାଲ ପ୍ରଧାନ, ନାରାୟଣ ପ୍ରଧାନ, ହଟକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ

ରାଇସୁଆଁ, ୧୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପରେଶ ଧର ପ୍ରମୁଖ ଯୋଗ ଦେଇ ଶିଶୁ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରି ଚାଳନା କରିଥିଲେ।